# ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ସେଚ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ, ଏକ୍ସପର୍ଟ ଟିମ୍

**ଭୋଗରାଇ, ୨୨।୧୨(ପ୍ରଦୀପ ଦାସ)**

ବାଲେଶ୍ୱର ଜିଲାର ସୁବର୍ଣ୍ଣରେଖାରେ ପ୍ରତିବର୍ଷ ବର୍ଷାଋତୁରେ ଘନ ଘନ ବନ୍ୟା ଆସିବା ଯୋଗୁ ଭୋଗରାଇ, ବାଲିଆପାଳ, ବସ୍ତା ଓ ଜଳେଶ୍ୱର ବ୍ଲକର ବହୁ ଅଞ୍ଚଳ ଜଳମଗ୍ନ ହୋଇଥିବାରୁ ବ୍ୟାପକ ଧନଜୀବନ ନଷ୍ଟ ହେଉଛି। ବନ୍ୟାର ସ୍ଥାୟୀ ପ୍ରତିକାର ଦାବିରେ କଂଗ୍ରେସ ଅମଳରୁ ଅଦ୍ୟାବଧି ଉତ୍ତରବାଲେଶ୍ୱର ବନ୍ୟା ପ୍ରପୀଡ଼ିତ ଅଞ୍ଚଳର ଲୋକେ ଜନପ୍ରତିନିଧି, ମୁଖ୍ୟ ସଚିବ, ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଅଦ୍ୟାବଧି ସମସ୍ୟାର ସମାଧାନ ହୋଇନାହିଁ। ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଅନନ୍ତ ଦାସ ବିଧାନସଭା ଏବଂ ମନ୍ତ୍ରୀ ଓ କେନ୍ଦ୍ର ଜଳ ଆୟୋଗକୁ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ପୂର୍ବ ସରକାର ଏକ ଏକ୍ସପର୍ଟ କମିଟି ଭୋଗରାଇ ବନ୍ୟା ଅଞ୍ଚଳ ଅନୁଧ୍ୟାନ କରିବା ସହିତ ସୁବର୍ଣ୍ଣରେଖା ସଂସ୍କାର ଯୋଜନା ସମ୍ପର୍କରେ ଏକ ମାଷ୍ଟରପ୍ଲାନ କରାଯାଇ କେନ୍ଦ୍ରକୁ ରିପୋର୍ଟ ଦେଇଥିଲେ। କେନ୍ଦ୍ର ଜଳ ଆୟୋଗ ବନ୍ୟା ସଂସ୍କାର ଯୋଜନାର କେତେକ ତ୍ରୁଟି ଦର୍ଶାଇ ଏହି ଯୋଜନା ଶୀତଳଭଣ୍ଡାରରେ ରହିଥିବା ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଚଳିତବର୍ଷ ବନ୍ୟାରେ ବ୍ୟାପକ ଧନଜୀବନ କ୍ଷତି ଘଟିଥିବାରୁ ବନ୍ୟାର ସ୍ଥାୟୀ ପ୍ରତିକାର ଏବଂ ରାସ୍ତାଘାଟର ଶୋଚନୀୟ ଅବସ୍ଥାକୁ ଲାଘବ ପାଇଁ ବିଧାନସଭାରେ ପ୍ରଶ୍ନ ଉଠାଇଥିବା ବେଳେ ବ୍ୟକ୍ତିଗତ ଭାବେ ଜଳସେଚନ ମନ୍ତ୍ରୀ ଓ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଭୋଗରାଇ ବନ୍ୟା ଅଞ୍ଚଳର ଦୁଃଖ ଦୁର୍ଦ୍ଦଶା ଓ ନଦୀକୂଳିଆ ଗାଁର ଭୌଗୋଳିକ ସ୍ଥିତି, ରାସ୍ତାଘାଟର ଦୁରବସ୍ଥା ସମ୍ପର୍କରେ ଅବଗତ କରିଥିଲେ। ଏପରିକି ଭୋଗରାଇ ଲକ୍ ଗେଟ ଗୁଛିଦା ସ୍ଲୁଇସଠାରୁ ହୁ ରାସ୍ତା ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀ କରଣ ଓ ୭ ଫୁଟ ଉଚ୍ଚର ବନ୍ଧ ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ କରିବାକୁ ଦାବି କରିଥିଲେ। ଏଥିପାଇଁ ଜଳସେଚନ ବିଭାଗର ମୁଖ୍ୟଯନ୍ତ୍ରୀ ଚିତ୍ତରଞ୍ଜନ ଭୂୟାଁଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ଟେକନିକାଲ ଟିମ୍ ଭୋଗରାଇ ବିଧାୟକ ସୋମବାର ଭୋଗରାଇ ଲକ, ଗୋଛିଦା ସ୍ଲୁଇସ, ହୁଡ଼ାପାଳ, ନଥିପୁର ଓ ମନୁନଗର ଅଞ୍ଚଳରେ ଥିବା ବିଭିନ୍ନ ରାସ୍ତା, ନାଳ, ଗାର୍ଡୱାଲ ଓ ସ୍ପର୍ ଆଦି ବୁଲି ଅନୁଧ୍ୟାନ କରି ଫେରିଥିଲେ। ଖୁବଶୀଘ୍ର ଉକ୍ତ ସମସ୍ୟାର ଆଶୁ ସମାଧାନ କରାଯିବ ବୋଲି ମୁଖ୍ୟଯନ୍ତ୍ରୀ ବିଧାୟକ ଓ ଜନପ୍ରତିନିଧିଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ବିଧାୟକ ଗୌତମବୁଦ୍ଧ ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଜିଲା ପରିଷଦ ସଦସ୍ୟ ଗିରିଶ ଦତ୍ତ, ଜନପ୍ରତିନିଧି ରାକେଶ ପରିଡ଼ା, ଭବେନ୍ଦ୍ର ସାହୁ,ନିଶିକାନ୍ତ ସାହୁ, ଲକ୍ଷ୍ମୀଧର ଦେ, ଯୋଗେନ୍ଦ୍ର ପାଳ, ରାଜକିଶୋର ଜେନା, ଅଞ୍ଜଳି ଜେନା ପ୍ରମୁଖ ବନ୍ୟାଞ୍ଚଳର ସମସ୍ୟା ସେଚ ବିଭାଗର ଉଚ୍ଚ ପଦାଧିକାରୀଙ୍କୁ ଅବଗତ କରିଥିଲେ।


ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ବନ୍ୟାଞ୍ଚଳ ନକ୍ସା ଦେଖାଉଛନ୍ତି।

# ଦର୍ଶକଙ୍କ ମନ ମୋହିଲେ କୁନି କଳାକାର


ଜେଜେ ବାପା ଜେଜେ ମା ସମ୍ମିଳନୀରେ ମଞ୍ଚାସୀନ ଅତିଥି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

**ଖଇରା, ୨୨।୧୨(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜେଜେବାପା ଓ ଜେଜେ ମା ସମ୍ମିଳନୀ ତଥା ୮ମ ବାର୍ଷିକ ଉତ୍ସବ ସଭା ସମ୍ବର୍ଦ୍ଧନା ସାଙ୍ଗକୁ ନୃତ୍ୟଗୀତର ଝଙ୍କାର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ଆୟୋଜିତ ଜେଜେବାପା ଓ ଜେଜେ ମା' ସମ୍ମିଳନୀରେ ବିଡିଓ ନାରାୟଣ ସାହୁ ମୁଖ୍ୟଅତିଥି, ଖଇରା ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ମୁକ୍ତିକାନ୍ତ ଶତପଥି ମୁଖ୍ୟବକ୍ତା, ପ୍ରାକ୍ତନ ଅଧ୍ୟକ୍ଷ ବସନ୍ତ କୁମାର ଖିଲାର, ପ୍ରାକ୍ତନ ସଂସ୍କୃତ ଶିକ୍ଷକ ଅକ୍ଷିତ କୁମାର ଜେନା, ଖଇରା ହାଇସ୍କୁଲ ହିନ୍ଦୀ ଶିକ୍ଷକ ନରୋତ୍ତମ ପୁଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୟସ୍କ ମାତାପିତାଙ୍କୁ ବୃଦ୍ଧାଶ୍ରମରେ ନ ଛାଡି ଦେବତା ରୂପେ ଘରେ ରଖି ପୂଜା କରିବାକୁ ପରାମର୍ଶ ଦେଇଥିଲେ। ଦିଲୀପ ଲେଙ୍କା ସଭା ପରିଚାଳନା, ଉଲ୍ଲାସିନୀ ମହାନ୍ତି ସମ୍ମିଳନୀର ଆଭିମୁଖ୍ୟ ଓ ପ୍ରଧାନଚାର୍ଯ୍ୟ କୈଳାସ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଆୟୋଜିତ ବାର୍ଷିକ ଉତ୍ସବରେ ଅବସରପ୍ରାପ୍ତ ଅଧ୍ୟାପକ ଯୁଗଳ କିଶୋର ଗାହାଣ, ଅବସରପ୍ରାପ୍ତ ଶିକ୍ଷକ ଗୌରାଙ୍ଗ ଦାସ, ଉପଦେଷ୍ଟା କମିଟି ସଭ୍ୟ ସୁଦର୍ଶନ ସେଠୀ, ସରପଞ୍ଚ ଦୟାନିଧି ନାୟକ କୁନି ପିଲାମାନଙ୍କୁ ଶିକ୍ଷଣୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। କ୍ରୀଡା ଚାମ୍ପିୟନ ଆୟୁଷ୍ମାନ ମହାପାତ୍ର, ଆଦର୍ଶ ଛାତ୍ରୀ ଭାଗ୍ୟଶ୍ରୀ ଜେନାଙ୍କୁ ପୁରସ୍କୃତ କରାଯାଇଥିଲା। ଗୁରୁମା ବନ୍ଦନା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# କଳା ଓ ସଂସ୍କୃତି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ରସାଳପୁର, ୨୨।୧୨(ଶରତ ସାମଲ)**

ବାଲେଶ୍ୱର ଜିଲା ରେମୁଣା ନିର୍ବାଚନମଣ୍ଡଳୀ ସଦର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତ ମଝିକିଆ ଗ୍ରାମରେ ଗଢ଼ି ଉଠିଥିବା ମା' ବୁଢ଼ୀ ବାସୁଳୀ କଳା ଓ ସଂସ୍କୃତି ମହାବିଦ୍ୟାଳୟର ୧୧ତମ ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି। ଏହି ଉତ୍ସବରେ ଅତିଥି ଭାବେ ସରକାରୀ ଉପ–ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି, କାବ୍ୟକବି ସର୍ବେଶ୍ୱର ଦାସ, ଶିଳ୍ପୀ କେଶୁ ଦାସ, ବିଧାୟକ ପ୍ରତିନିଧି ଲମ୍ବୋଦର ପ୍ରଧାନ, ଭୂମିଦାତା କୈଳାସ ଚନ୍ଦ୍ର ପାଣିଗ୍ରାହୀ, ପ୍ରିନ୍ସପାଲ ଅଶୋକ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। କଳା ଓ ସଂସ୍କୃତିକୁ ଉଦ୍‌ଜୀବିତ କରିବା ସହ ଗ୍ରାମାଞ୍ଚଳରେ କୁନି କୁନି ପିଲାମାନଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାକୁ ଉଦ୍‌ଜୀବିତ କରିପାରିବ ବୋଲି ଅତିଥି ଗଣଅନୁଷ୍ଠାନକୁ ପ୍ରଶଂସା କରିଥିଲେ। ଶେଷରେ ମହାବିଦ୍ୟାଳୟର ୧୪୭ଜଣ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା।

# ମିଳିତ ଜନଶୁଣାଣିରେ ୧୨୩ ଅଭିଯୋଗ


ମିଳିତ ଜନଶୁଣାଣିରେ ଜିଲାପାଳ ଓ ଏସ୍‌ପି ଅଭିଯୋଗ ଶୁଣୁଛନ୍ତି।

**ସିମୁଳିଆ, ୨୨।୧୨(ସନ୍ତୋଷ ନାୟକ)**

ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି ଓ ସମାଧାନ ପାଇଁ ସୋମବାର ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର ସିମୁଳିଆ ବ୍ଲକ ସମ୍ମିଳନୀ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ୧୨୩ଟି ଅଭିଯୋଗ ଆସିଥିଲା। ତେବେ ବିଭିନ୍ନ ଅଭିଯୋଗର ଶୁଣାଣି କରାଯିବା ସହିତ ୩ଜଣ ଦିବ୍ୟାଙ୍ଗ ମହିଳାଙ୍କୁ ଟ୍ରାଇ ସାଇକେଲ ବଣ୍ଟନ କରାଯାଇଥିଲା।

ବିଭିନ୍ନ ଅଭିଯୋଗ ମଧ୍ୟରେ ଭଗିଆ ଗ୍ରାମ ନିକଟରେ ସ୍ଥାପିତ ବାସୁଦେବ ରାଇସ ମିଲରୁ କଳା ପାଉଁଶ ଉଡ଼ି ଜନ ସାଧାରଣ ଅସୁବିଧାରେ ପଡ଼ିବା, ଅଡ଼ା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ନିଯୁକ୍ତି, ମୁରୁଣା ପଞ୍ଚାୟତରେ ବସୁଧା ଯୋଜନାରେ ଗତ ୫ବର୍ଷ ହେଲା ଜଳ ଯୋଗାଣ ନ ହେବା, ଦଧିବାମନପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କ ବିରୋଧରେ ଅଭିଯୋଗର ତଦନ୍ତ କରାଯିବା, ବଣା ପ୍ରାଥମିକ ବିଦ୍ୟାଳୟର ପାଚିକା ପଦ୍ମାବତୀ ସାହୁଙ୍କ ନିଯୁକ୍ତିର ୧ବର୍ଷ ପରେ ନିଯୁକ୍ତିପତ୍ର ମିଳିବା ଓ ପୂର୍ବ ଦରମା ନ ମିଳିବା ସମ୍ପର୍କରେ ଜିଲାପାଳ ଆସନ୍ତା ୧୫ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଆପାତକାଳୀନ ସେବା ଯୋଗାଇ ଦେବା ପାଇଁ ୩ଜଣଙ୍କୁ ୨୫ହଜାର ଟଙ୍କା ଲେଖାଏଁ ମଞ୍ଜୁରୀ ପ୍ରଦାନ କରାଯିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଉପଜିଲାପାଳ ଶିବ ମାଲବୀୟ, ଅତିରିକ୍ତ ପିଡି ମଧୁସ୍ମିତା ସାମନ୍ତରାୟ, ଏଡିଏମ ନିରଞ୍ଜନ ବେହେରା, ଏସ୍‌ପି ପ୍ରତ୍ୟୁଷ ଦିବାକର, ବିଡିଓ ସୁନୀଲ କୁମାର ଗୁଡୁ, ଅତିରିକ୍ତ ତହସିଲଦାର ନିତ୍ୟାନନ୍ଦ ସେଠୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

# ବେଆଇନ ବାଲି ଚୋରାଚାଲାଣ: ଟ୍ରାକ୍ଟର ଜବତ

**ଲଙ୍ଗଳେଶ୍ୱର, ୨୨।୧୨(କମଳାକାନ୍ତ ଦାସ):** ସିଂଲା ଥାନା ଅଧୀନ ବିଭିନ୍ନ ସ୍ଥାନରେ ବେଆଇନ ବାଲି ଚୋରାଚାଲାଣ ହେଉଥିବା ଅଭିଯୋଗ ହେଉଛି। ରବିବାର ରାତିରେ ଲଙ୍ଗଳେଶ୍ୱର ବଜାରରୁ ସିଂଲା ପୋଲିସ ଗୋଟିଏ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛି। ତେବେ ଜବତ ହୋଇଥିବା ଟ୍ରାକ୍ଟରର ନମ୍ବର ନ ଥିବା ଜଣାପଡ଼ିଛି।

# ପୋଡାଡିଆ ବିଦ୍ୟାଳୟର ବାର୍ଷିକ ଉତ୍ସବ 'କଳା ସଙ୍ଗମ'

**ବାହାନଗା, ୨୨।୧୨(ଅରୂପ୍ କୁମାର ଦାସ)**

ବାହାନଗା ବ୍ଲକ ଚିତ୍ତଳ ପଞ୍ଚାୟତର ପୋଡାଡିଆ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ 'କଳା ସଙ୍ଗମ' ଅନୁଷ୍ଠିତ ହୋଇଯାଇଛି। ଏଥିନିମନ୍ତେ ସାଧାରଣ ସଭା ଓ ସମ୍ବର୍ଦ୍ଧନା ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବନ୍ଦିତାରାଣୀ ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକର ଏବିଇଓ ରୋହିଆ ଗୁଡୁ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପବନ୍ଧୁ ନାୟକ ଯୋଗଦେଇ ଜଣେ ଛାତ୍ର ନିଷ୍ଠାର ସହିତ ପଢିଲେ ଉତ୍ତମ ନାଗରିକ ହୋଇପାରିବ। ସମ୍ମାନିତ ଅତିଥି ଭାବେ ଗୋପାଳପୁର ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଅଭୟ କୁମାର ପଣ୍ଡା, ପୋଡାଡିଆ କ୍ଲଷ୍ଟରର ସିଆରସିସି ମାନସ ଦାସ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ମହାନ୍ତି, ବିଦ୍ୟାଳୟର ପରିଚାଳନା କମିଟି ସଭାପତି ବିଜୟ କୁମାର ଦାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଜୟନ୍ତୀ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିବା ସହିତ ଶିକ୍ଷକ ସଞ୍ଜୟ କୁମାର ମାଝିଙ୍କୁ ଶ୍ରେଷ୍ଠ ଶିକ୍ଷକ ସମ୍ମାନ–୨୦୨୫ରେ ସମ୍ମାନିତ କରାଯାଇଥିଲା। ଶିକ୍ଷା କର୍ମଚାରୀ ବିକ୍ରମ ନାୟକଙ୍କୁ ଜଣେ କର୍ତ୍ତବ୍ୟନିଷ୍ଠା ଶିକ୍ଷା କର୍ମଚାରୀ ଭାବେ ସମ୍ମାନିତ କରାଯାଇଥିଲା। ଶିକ୍ଷୟିତ୍ରୀ ପ୍ରତିଭା ମହାପାତ୍ର ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପାରିବାରିକ କ୍ଷୁଦ୍ର ନାଟକ 'ଜହ୍ନ ରାତିରେ ଝଡ' ମଞ୍ଚସ୍ଥ କରାଯାଇଥିଲା। ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଶିକ୍ଷାକର୍ମଚାରୀମାନେ ସହଯୋଗ କରିଥିଲେ।


ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ଏମ୍‌ଜିଏନଆରଇଜିଏସ୍ ବନ୍ଦ ବିରୋଧରେ ସିପିଏମ୍‌ର ବିକ୍ଷୋଭ

**ଜଳେଶ୍ୱର(ନବୀନ ସାହୁ)/ ଲକ୍ଷ୍ମଣନାଥ(ସତ୍ୟରଞ୍ଜନ ପ୍ରଧାନ), ୨୨।୧୨**

ଏମ୍‌ଜିଏନଆରଇଜିଏସ୍ ଆଇନ ୨୦୦୫ ସୁରକ୍ଷା ଦାବିରେ ଜଳେଶ୍ୱର ବ୍ଲକ ଜଳେଶ୍ୱର ହାଟ ଛକଠାରେ ସୋମବାର ସିପିଏମ ଜିଲା କମିଟି ସଦସ୍ୟ ଦିଲୀପ କୁମାର ଗିରିଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ବିଶିଷ୍ଟ ବାମପନ୍ଥୀ ନେତା ସୀତାଂଶୁ ସେନାପତି, ଜିଲା ନେତା ଦୀପ୍ତିମାନ ଆଚାର୍ଯ୍ୟଙ୍କ ସମେତ, ପଲଟୁ ଦାସ, ଦିଲୀପ ପରିଡ଼ା, ଆରତୀ ପଲାଇ, ସବିତା ଭୂୟାଁ, ଅରୁଣ ଜେନା, ଲକ୍ଷ୍ମୀଧର ପଲାଇ, ସୁଶାନ୍ତ ରାଉତ, ଅବଦୁଲ ଜିଲାନୀ ଖାଁ ପ୍ରମୁଖ ବକ୍ତବ୍ୟ ମାଧ୍ୟମରେ ତୀବ୍ର ସମାଲୋଚନା କରିବା ସହିତ ବିଧେୟକ ଜରିଆରେ ଗୃହୀତ ଏଭଳି ଜନବିରୋଧୀ ବିଲର ନକଲକୁ ପୋଡ଼ା ଯାଇଥିଲା।

# ବାଲେଶ୍ୱର ସାଙ୍ଗଠନିକ ଭାଜପା ଜିଲା କମିଟି ଗଠିତ

**ବାଲେଶ୍ୱର, ୨୨।୧୨(ବାଞ୍ଛାନିଧି ଦେ)**

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ସଙ୍ଗଠନ ମନ୍ତ୍ରୀ ମାନସ ମହାନ୍ତିଙ୍କ ଅନୁମୋଦନକ୍ରମେ ଭାଜପା ବାଲେଶ୍ୱର ସାଙ୍ଗଠନିକ ଜିଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା ସୋମବାର ନୂତନ ଜିଲା କମିଟି କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଛନ୍ତି। ଏହି କମିଟିରେ ୮ଜଣ ଉପସଭାପତି, ୩ଜଣ ସାଧାରଣ ସମ୍ପାଦକ, ୮ଜଣ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ, ଜଣେ ମିଡ଼ିଆ ସଂଯୋଜକ, ୨ଜଣ ସହ ସଂଯୋଜକ, ୭୦ଜଣ କାର୍ଯ୍ୟକାରିଣୀ ସଦସ୍ୟାସଦସ୍ୟ, ୨୫ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟାସଦସ୍ୟ ଓ ୨୪ଜଣ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟାସଦସ୍ୟ ରହିଥିବା ନେଇ ସୋମବାର ଦଳ ପକ୍ଷରୁ ଏକ ପ୍ରେସ୍ ବିବୃତ୍ତିରେ ଜଣାଯାଇଛି।

ସଭାପତି ଭାବେ ଈଶ୍ୱର ଚନ୍ଦ୍ର ବେହେରା, ଉପସଭାପତି ଭାବେ କରୁଣାକର ପଣ୍ଡା, ଗୌରାଙ୍ଗ ଚନ୍ଦ୍ର ଦାସ, ସୁକୁମାର ଦାସ, ଅଜୟ କୁମାର ପଣ୍ଡା, ବିଜୟ କୁମାର ସାହୁ, ଭାରତୀ ମଲ୍ଲିକ, ସିପ୍ରାରେଖା ମହାପାତ୍ର ଓ ସସ୍ମିତା ଚାନ୍ଦ, ସାଧାରଣ ସମ୍ପାଦକ ଭାବେ ପର୍ଶୁରାମ ପରିଡ଼ା, ଚନ୍ଦ୍ରଶେଖର ନନ୍ଦ ଓ ଡା. ଅଂଶୁମାଧବ ପଣ୍ଡା, ସମ୍ପାଦକ ଭାବେ ନିରାକର ପଣ୍ଡା, ଚିତ୍ତରଞ୍ଜନ ପଣ୍ଡା, ବଳରାମ ବିଶ୍ୱାଳ, ରାଜେଶ କୁମାର ମହାପାତ୍ର, ରବିତା ଦାସ, ରୋଜାଲିନ ପାଣି, ସୁଭଦ୍ରା ପାଢ଼ି ଓ ଉଷାରାଣୀ ରାଉଳ, କୋଷାଧ୍ୟକ୍ଷ ମୋହିତ ପୋଦ୍ଦାର, ମିଡ଼ିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ, ମିଡ଼ିଆ ସହ ସଂଯୋଜକ ଭାବେ ଲୋକନାଥ ପରିଡ଼ା ଓ ରଣଜିତ୍ କୁମାର ପୃଷ୍ଟିଙ୍କ ନାମ ଘୋଷଣା କରାଯାଇଛି।

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ନୀଳଗିରି, ୨୨।୧୨(ପ୍ରଶାନ୍ତ ବିଶ୍ୱାଳ)**

ଏମଜିଏନଆରଇଜିଏସ୍ ନାମକୁ ବଦଳାଇ କେନ୍ଦ୍ର ସରକାର ଭିବି–ଜି–ରାମ–ଜି ଯୋଜନା କରିଛନ୍ତି। ଉକ୍ତ ବିଲ୍‌କୁ ପ୍ରତ୍ୟାହାର ଦାବି କରିବା ପାଇଁ ସିପିଏମ୍ ତରଫରୁ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଯେଉଁ ନୂତନ ଯୋଜନା କଲେ ଏହା ଦ୍ୱାରା ଗରିବ ଲୋକ ମାନେ କାମ ପାଇବା ତ ଦୂରର କଥା କର୍ମସଂସ୍ଥାନ ହରାଇବେ। ଉକ୍ତ ଯୋଜନାରେ କାର୍ଯ୍ୟର ଗ୍ୟାରେଣ୍ଟି ନାହିଁ। ଉକ୍ତ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଯେଉଁ ବିଲ୍ ଆସିଛି ତାକୁ ରଦ୍ଦ କରିବା ପାଇଁ ସିପିଏମ୍ ନୀଳଗିରି ଆଞ୍ଚଳିକ କମିଟି ତରଫରୁ ସୋମବାର ନୀଳଗିରି ଉପଜିଲାପାଳଙ୍କ ମାଧ୍ୟମରେ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଜିଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଉପଜିଲାପାଳ ନୀଳଗିରିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରତିନିଧି ମଣ୍ଡଳୀରେ ଜିଲା କମିଟି ସଭ୍ୟ ସତ୍ୟଜିତ ଦାସ, ଲକ୍ଷ୍ମୀଧର ସାହୁ, ଷ୍ଟାଲିନ୍ ମିଶ୍ର, ଯୋଗାନନ୍ଦ ଦାଶ, ଉମାକାନ୍ତ ଷଡଙ୍ଗୀ, ନାରାୟଣ ଧାମୁଡ଼ିଆଙ୍କ ସମେତ ପାର୍ଟିର ବହୁ ସାଥୀ ଉପସ୍ଥିତ ଥିଲେ।

# ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା

**ସୋର, ୨୨।୧୨(ଜନ୍ମେଜୟ ମିଶ୍ର)**

ସୋର ବ୍ଲକ ଜଡିଦା ପଞ୍ଚାୟତ ଆଡିଆ ଗ୍ରାମରେ ରୋଷେଇ ନିଆଁରୁ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଘର ଜଳିଯିବା ସହିତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡିଯାଇଛି। ଏହି ଗ୍ରାମର ଯୁଧିଷ୍ଠିର ମହାନ୍ତିଙ୍କ ଘରେ ପୂର୍ବାହ୍ନରେ ରୋଷେଇ କରାଯାଉଥିବା ବେଳେ ଅସାବଧାନାବଶତ ଘରେ ନିଆଁ ଲାଗିଯାଇଥିଲା। ଏହା ଦେଖି ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିବା ସହିତ ସୋର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ସୋର ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଦମକଳ ଘଟଣାସ୍ଥଳରେ ପହଞ୍ଚିବା ସତ୍ତ୍ୱେ ଅଣଓସାରିଆ ରାସ୍ତା ପାଇଁ ଗ୍ରାମ ମଧ୍ୟକୁ ପ୍ରବେଶ କରି ପାରି ନ ଥିଲା। ଦୀର୍ଘ ସମୟ ପରେ ଦମକଳ ଚାଳକଙ୍କ ଉପସ୍ଥିତ ବୁଦ୍ଧି ପାଇଁ ବହୁ କଷ୍ଟରେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

# ଅଧ୍ୟାପକ ସନ୍ତୋଷ ରାଉତଙ୍କୁ 'ଶବ୍ଦ କୁବେର' ସମ୍ମାନ

**ବାଲେଶ୍ୱର, ୨୨।୧୨(ବାଞ୍ଛାନିଧି ଦେ)**

ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ଡ. ସନ୍ତୋଷ କୁମାର ରାଉତଙ୍କୁ 'ଶବ୍ଦ କୁବେର' ସମ୍ମାନରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଯାଜପୁରର ସାହିତ୍ୟ ପରିଷଦ 'ଆମ ଅଗଣାର ସଜ ଫୁଲ ପରିବାର' ପକ୍ଷରୁ ରବିବାର ଆୟୋଜିତ ୫ମ ରାଜ୍ୟସ୍ତରୀୟ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହରେ ଡ. ରାଉତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଉଚ୍ଚକୋଟୀର କବିତା, ଗଳ୍ପ ଓ ପ୍ରବନ୍ଧ ଲେଖି ଓଡ଼ିଆ ସାହିତ୍ୟ ପାଇଁ ତାଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ। ଡ. ରାଉତଙ୍କ ଓଡ଼ିଆ ଓ ଇଂରାଜୀ ଭାଷାର ବିଭିନ୍ନ କବିତା, ଗଳ୍ପ, ପ୍ରବନ୍ଧ ଓ ସମାଲୋଚନା ମୂଳକ ନିବନ୍ଧ ବିଭିନ୍ନ ପତ୍ରପତ୍ରିକାରେ ରାଜ୍ୟ, ଜାତୀୟ ଓ ଅର୍ନ୍ତଜାତୀୟସ୍ତରରେ ପ୍ରକାଶିତ ହୋଇଛି। ପୂର୍ବରୁ ସେ ବିଭିନ୍ନ ଅନୁଷ୍ଠାନ ଓ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇ ମହାବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ରଣାଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


ଅଧ୍ୟାପକ ସନ୍ତୋଷ ରାଉତଙ୍କୁ ସମ୍ମାନିତ କରାଯାଉଛି।

# ଜଳେଶ୍ୱର ସୀମାନ୍ତ ଗ୍ରାମୀଣ ମହୋତ୍ସବ ଉଦ୍‌ଘାଟିତ

**ଜଳେଶ୍ୱର, ୨୨।୧୨(ନବୀନ ସାହୁ)**

ଓଡ଼ିଶା–ପଶ୍ଚିମବଙ୍ଗ ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ଜଳେଶ୍ୱର ସୀମାନ୍ତ ଗ୍ରାମୀଣ ମହୋତ୍ସବ ଏକ ସେତୁ ଭାବେ କାମ କରୁଛି। ଜଳେଶ୍ୱରରେ ଦୁଇ ଦଶନ୍ଧି ଧରି ଏପରି ମହୋତ୍ସବ ଆୟୋଜିତ ହେଉଥିବାରୁ ଏହା ଜଳେଶ୍ୱର ସମେତ ଆଖପାଖ ଅଞ୍ଚଳର ସାମାଜିକ ଓ ଅର୍ଥନୈତିକ ବିକାଶକୁ ବାଟ କଢ଼େଇ ନେଉଛି ବୋଲି ରବିବାର ସନ୍ଧ୍ୟାରେ ଆୟୋଜିତ ଜଳେଶ୍ୱର ସୀମାନ୍ତ ଗ୍ରାମୀଣ ମହୋତ୍ସବ–୨୦୨୫ ଓ ଉତ୍କଳବଙ୍ଗ ମୈତ୍ରୀ ଉତ୍ସବର ଉଦ୍‌ଘାଟନୀ ଉତ୍ସବରେ ମତ ପ୍ରକାଶ ପାଇଛି। ରବିବାର ଅପରାହ୍ନରେ ଜଳେଶ୍ୱର ଷ୍ଟେଶନ ବଜାର କାଳି ମନ୍ଦିର ସମ୍ମୁଖରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ସହ ଜଳେଶ୍ୱର ନୂଆବଜାର ତାରିଣୀ ଛକ ସନ୍ନିକଟ ମହୋତ୍ସବ ପଡ଼ିଆରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ରାଜ୍ୟ ତଥା ରାଜ୍ୟ ବାହାରର ୬୦ ସାଂସ୍କୃତିକ ଦଳ ସାମିଲ ହୋଇ ସେମାନଙ୍କର କଳାନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ପଥର ଶିଳ୍ପୀ ପଦ୍ମଶ୍ରୀ ପ୍ରଭାକର ମହାରଣା ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ।

ଉଦ୍‌ଘାଟନୀ ସମାରୋହରେ ମହୋତ୍ସବ କମିଟି ସଭାପତି ତଥା ପ୍ରାକ୍ତନ କଲେଜ ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ମୁଖ୍ୟବକ୍ତା ଭାବେ ଓଡିଶା ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଆୟୁକ୍ତ ବ୍ରତତି ହରିଚନ୍ଦନ, ପଶ୍ଚିମବଙ୍ଗର ବିଶିଷ୍ଟ ସାମାଜିକ କର୍ମୀ ତଥା ଉଦ୍ୟୋଗପତି ଅଜିତ୍ କୁମାର ଜାନା, ପଶ୍ଚିମବଙ୍ଗର ବିଶିଷ୍ଟ ଶିକ୍ଷାବିତ୍ ପ୍ରଦୀପ କୁମାର ପାତ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିଭା ବେହେରା, ପ୍ରାକ୍ତନ କଲେଜ ଅଧ୍ୟକ୍ଷ ଯୁଗୋଳ କିଶୋର ପ୍ରଧାନ, ଭୋଗରାଇର ଜିଲା ପରିଷଦ ସଭ୍ୟ ସନ୍ତୋଷ କୁମାର ଜେନା, ବିଶିଷ୍ଟ ପରିବେଶବିତ୍ ସୁମନ୍ତ କୁମାର ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ମହୋତ୍ସବର ମୁଖ୍ୟ ପୃଷ୍ଠପୋଷକ ତଥା ବାଲେଶ୍ୱର ଜିଲା ରକ୍ତଦାତା ସଂଘ ସଭାପତି କମଳ ଚକ୍ରବର୍ତ୍ତୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସମାରୋହକୁ ମହୋତ୍ସବ କମିଟି ସମ୍ପାଦକ ମନୋରଞ୍ଜନ ଦାସ, ଅଶୋକ ଦାସ, ସୁନୀଲ କୁମାର ନାୟକ, ବନମାଳୀ ଧଳ, ପ୍ରାଣକୃଷ୍ଣ ଗିରି, ଲକ୍ଷ୍ମୀଧର ବାରିକ, ଶ୍ରୀପତି ଘୋଷ, କ୍ଷୀତିଶ ବ୍ରହ୍ମ, ଚନ୍ଦ୍ରମୋହନ ରାଉଳ, ସୁନୀଲ ମହାନ୍ତ, ଜଗଦିଶ ନନ୍ଦୀ, ସୌଭିକ ଜେନା ପ୍ରମୁଖ ପରିଚାଳନା କରିଥିଲେ। ୧୨ନମ୍ବର ୱାର୍ଡର କାଉନସିଲର ଶିବ ନାରାୟଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ବିଳମ୍ବିତ ରାତି ଯାଏଁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି।

# ୨ଟି ବଲ୍ବ ଦେଇ ୧୦ ହଜାର ନେଇଗଲେ

## ଜୁଆଙ୍ଗ ମହିଳାଙ୍କୁ ଠକେଇ

କେନ୍ଦୁଝର,୨୨।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ):

କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ପିଠାଗୋଲା ପଞ୍ଚାୟତ ଅଲଙ୍ଗ ଗ୍ରାମରେ ଜୁଆଙ୍ଗ ମହିଳାଙ୍କ ସରଳତାର ସୁଯୋଗ ନେଇ ଦୁର୍ବୃତ୍ତ ଅର୍ଥ ଠକି ନେଇଛନ୍ତି। ମହିଳାଙ୍କୁ ୨ଟି ଲେଖାଏ ଏଲ୍ଇଡି ବଲ୍ବ ଦେଇ ୧୦ ହଜାର ଟଙ୍କା ବ୍ୟାଙ୍କ ଆକାଉଣ୍ଟରୁ ଠକି ନେଇଛନ୍ତି। ଏ ନେଇ ଜୁଆଙ୍ଗ ମହିଳାମାନେ ୪ ଦିନ ପୂର୍ବେ ହରିଚନ୍ଦନପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, କିଛି ଦିନ ପୂର୍ବେ ଜଣେ ବ୍ୟକ୍ତି ଉକ୍ତ ଗ୍ରାମରେ ପହଞ୍ଚି ମଣ୍ଡପ ଘରେ ମିଟିଂ କରିଥିଲେ। ସେଠାରେ ମହିଳାମାନଙ୍କୁ ଆଧାରକାର୍ଡ ଧରି ଆସିବାକୁ କହିଥିଲେ। ମହିଳାମାନେ ଆଧାର କାର୍ଡ ଆଣିବା ପରେ ସ୍କାନ୍ କରି ୨ଟି ଲେଖାଏ ବଲ୍ବ ମାଗଣାରେ ଦେଇଥିଲେ। ଏହାର ଦିନକ ପରେ ମୋବାଇଲ ମେଜେସରୁ ଜାଣିବାକୁ ପାଇଲେ ଯେ ଅନେକ ଲୋକଙ୍କ ବ୍ୟାଙ୍କ ଖାତାରୁ ୧୦ ହଜାର ଟଙ୍କା ଲେଖାଏ ଉଠାଯାଇଛି। ଏହାକୁ ନେଇ ବ୍ୟାଙ୍କକୁ ଯାଇ ଅଭିଯୋଗ କରିଥିଲେ। ଜମାଖାତା ଯାଞ୍ଚ ସମୟରେ ଜଣାପଡ଼ିଥିଲା ଯେ, ଯେଉଁମାନେ ଏଲିଡି ବଲ୍ବ ନେଇଥିଲେ ସେମାନଙ୍କ ଜମାଖାତାରୁ ଟଙ୍କା କଟିଛି। ଟଙ୍କା ଘଟଗାଁ ବ୍ଲକ୍ ହରିଡ଼ଗୋଠ ଗ୍ରାମର ସତ୍ୟପ୍ରକାଶ ମହାନ୍ତଙ୍କ ଜମାଖାତାକୁ ଟ୍ରାନ୍ସଫର ହୋଇଛି। ଏ ନେଇ ବୃନ୍ଦାବନ ଜୁଆଙ୍ଗ, ଚନ୍ଦ୍ରମଣୀ ଜୁଆଙ୍ଗ, ଜଗନ୍ନାଥ ଜୁଆଙ୍ଗ, ଡିତାମ୍ବର ଜୁଆଙ୍ଗ, ରାଜା ଜୁଆଙ୍ଗ, ଋଷି ଜୁଆଙ୍ଗ, ଗୌରାଙ୍ଗ ଜୁଆଙ୍ଗ ସମେତ ୩୦ରୁ ଊର୍ଦ୍ଧ୍ୱ ହରିଚନ୍ଦନପୁର ଥାନାରେ ଅଭିଯୋଗ କରିଥିଲେ। ଜୁଆଙ୍ଗଙ୍କ ସରଳତାର ସୁଯୋଗ ନେଇ ବିଭିନ୍ନ ସମୟରେ ଏଭଳି ଠକମାନେ ଠକେଇ କରୁଛନ୍ତି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାମାଜିକକର୍ମୀ ପ୍ରଭାକର ଜୁଆଙ୍ଗ ଦାବି କରିଛନ୍ତି। ଅନ୍ୟପକ୍ଷେ ଅଭିଯୋଗକୁ ୪ ଦିନ ବିତିଯାଇଥିଲେ ହେଁ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।


ଠକାମିର ଶିକାର ହୋଇଥିବା ମହିଳାମାନେ ।

## ସଂକ୍ଷେପରେ

### ୨ ବାଇକ୍ ମୁହାଁମୁହିଁ ଧକ୍କା, ୩ ଗୁରୁତର

ଛେନାପଦି,୨୨।୧୨(ନିରାକାର ପରିଡ଼ା): କେନ୍ଦୁଝର ଜିଲା ଆନନ୍ଦପୁର ଭଦ୍ରକ ୫୩ ନଂ. ରାଜ୍ୟ ରାଜପଥ ନନ୍ଦିପଦା ଥାନା ଅଧୀନ ଅଣା କେନାଲ ପୋଲ ନିକଟରେ ୨ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ୩ ଜଣ ଗୁରୁତର ହୋଇଛନ୍ତି। ସୂଚନା ଅନୁସାରେ, ସୋମବାର ଅପରାହ୍ନ ୧ଟା ସମୟରେ ଛେନାପଦି ଛକରୁ ହାଟଡ଼ିହୀ ଅଭିମୁଖେ ଯାଉଥିବା ଏକ ବାଇକ୍ ରାସ୍ତା ପାରି ହେଉଥିଲା। ସେହି ସମୟରେ ଅନ୍ୟ ଏକ ବାଇକ୍କୁ ଖୁବ୍ ଜୋରରେ ଧକ୍କା ଦେଇଥିଲା। ଫଳରେ ୨ ବାଇକ୍‌ରେ ଥିବା ୩ ଜଣ ଗୁରୁତର ହୋଇ ରାସ୍ତାରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ସମସ୍ତଙ୍କୁ ହାଟଡ଼ିହୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେମାନଙ୍କ ମଧ୍ୟରେ ଜଣେ ମୋଟର ସାଇକେଲ ମେକାନିକ ହୋଇଥିବା ବେଳେ ଅନ୍ୟ ୨ଜଣ ସ୍ଥାନୀୟ ଜଳକଳଙ୍ଗ ଗ୍ରାମର ବୋଲି ଜଣାପଡ଼ିଛି। ୨ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଆନନ୍ଦପୁର ଉପଖଣ୍ଡ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି।

### ବାଲିଘାଟରେ ଖଣି ବିଭାଗର ଚଢ଼ାଉ

ବଉଳା,୨୨।୧୨(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ଗିରିଗାଁ ବାଲି ଘାଟରେ ରବିବାର ଖଣି ବିଭାଗ ଚଢ଼ାଉ କରିଛି। ବାଲିଚାଲାଣ କରିବାକୁ ପ୍ରୟାସ କରୁଥିବାବେଳେ ଖଣି ବିଭାଗ ଚଢ଼ାଉ କରିଥିବା ବେଳେ ବାଲି ମାଫିଆ ଫେରାର ହୋଇଯାଇଥିଲେ। ଏ ନେଇ ଖଣିବିଭାଗର ଅଧିକାରୀ ସୁରୋଜ ହେମ୍ବ୍ରମ୍ କହିଛନ୍ତି, ଗିରିଗାଁ ବାଲିଘାଟରୁ ବେଆଇନି ବାଲି ଚୋରାଚାଲାଣ ହେଉଥିବା ଖବର ମିଳିଥିଲା। ଚଢ଼ାଉ କରାଯାଇଥିବା ବେଳେ ଆଗୁଆ ସୂଚନା ପାଇ ବାଲି ମାଫିଆ ବାଲିଗାଡ଼ି ଓ ଉତ୍ତୋଳନରେ ବ୍ୟବହାର ହେଉଥିବା ମେଶିନ ନେଇ ଫେରାର ହୋଇଯାଇଥିଲେ।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗଣିତ ଦିବସ

ଯୋଡ଼ା,୨୨।୧୨(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ସହରର କୁନ୍ଦୁରୁନାଳାଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗଣିତ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଯୋଡ଼ା ଓ ପିଟିସିଏଲର ଅଫିସ ଆଡମିନ ସାନ୍ଟୁନୁ ପ୍ରଧାନ ଯୋଗଦେଇ ଗଣିତ ଦିବସର ଉଦ୍ଦେଶ୍ୟ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଅଜୟ ଗୋପାଳ ଦାଶ ଓ ସମ୍ପାଦକ ଅଭିଜିତ ମୁଖାର୍ଜୀ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଭଗବାନ ବର୍ଦ୍ଧନ ସ୍ୱାଗତ ଭାଷଣ ଦେଇଥିଲେ। ବିଦ୍ୟାଳୟର ଗଣିତ ପ୍ରମୁଖ ପବିତ୍ର ମୋହନ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୁରୁମା ସଂଯୁକ୍ତା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଗଣିତ ଗୁରୁଜୀ କୈଳାସ ସାହୁ ଗଣିତ ଦିବସ ବିଷୟରେ ମତବ୍ୟକ୍ତ କରିଥିବା ବେଳେ ଗୁରୁମା ରାଜେଶ୍ୱରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଗୁରମା, ଗୁରୁଜୀ, ସେବିକା, ସେବକ ସହଯୋଗ କରିଥିଲେ।

# 'ଆନନ୍ଦପୁର ବିକାଶ ପାଇଁ ଏକାଠି ହେବାକୁ ଆହ୍ୱାନ'

ଆନନ୍ଦପୁର,୨୨।୧୨(ସୁଶାନ୍ତ କୁମାର ସାହୁ):

କେନ୍ଦୁଝର ଜିଲା ଆନନ୍ଦପୁର ପ୍ରେସ୍ କ୍ଲବ୍ ବାର୍ଷିକ ଉତ୍ସବ ଓ ବାଣିଜ୍ୟ ମହୋତ୍ସବ ରବିବାର ୮ମ ଦିବସ ପହଞ୍ଚିଛି। ଅଷ୍ଟମ ଦିବସର ସଭାରେ ମୁଖ୍ୟ ଅତିଥିଭାବେ ଆନନ୍ଦପୁରର ପୂର୍ବତନ ବିଧାୟକ ଭାଗୀରଥି ସେଠୀ ଯୋଗଦେଇ ଦଳମତ ନିର୍ବିଶେଷରେ ସମସ୍ତ ଆନନ୍ଦପୁରିଆ ଏକ ହୁଅ ଗୋଡ଼ ଟଣା ନୀତି ଛାଡି ସମସ୍ତେ ଏକାଠି ହେବାକୁ ଆହ୍ୱାନ ଦେଇଥିଲେ। ଏକାଠି ଲଢ଼ିପାରିଲେ ଆନନ୍ଦପୁରର ବିକାଶ ସମ୍ଭବ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁ ଯୋଗଦେଇ ପ୍ରେସ୍ କ୍ଲବ୍ ଦ୍ୱାରା ଆୟୋଜିତ ବାଣିଜ୍ୟ ମହୋତ୍ସବ ଆନନ୍ଦପୁର ମହୋତ୍ସବର ଭ୍ରମ ସୃଷ୍ଟି କରିଥିବା କହିଥିଲେ। ଏହା ସହିତ ଆନନ୍ଦପୁରକୁ ରେଳ ପଥ, ଉପଖଣ୍ଡ ଚିକିତ୍ସାଳୟକୁ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ, ଆନନ୍ଦପୁର ମହାବିଦ୍ୟାଳୟକୁ ସ୍ୱୟଂଶାସିତ ମାନ୍ୟତା, ହଦଗଡ଼ଠାରେ ଆୟୁର୍ବେଦିକ ବିଶ୍ୱବିଦ୍ୟାଳୟ ଭଳି ବିକାଶ ମୂଳକ କାର୍ଯ୍ୟର ଆବଶ୍ୟକତା ଜରୁରୀ ହୋଇଛି। ତେଣୁ ଆନନ୍ଦପୁରବାସୀ ଏକମନରେ ଲଢ଼େଇ କଲେ ସଫଳତା ନିଶ୍ଚୟ ମିଳିବ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଅଭିନେତ୍ରୀ ମିଲି ଅପା ତଥା ସ୍ୱଭଦ୍ର ମହାନ୍ତି ଯୋଗଦେଇ ଦର୍ଶକଙ୍କ ଭିତର ମାହୋଲକୁ ନେଇ ଉତ୍ସାହିତ ହେବା ସହିତ ଏଭଳି ଏକ କାର୍ଯ୍ୟକ୍ରମ ପାଇଁ ପ୍ରେସ କ୍ଲବ୍‌କୁ ସାଧୁବାଦ ଜ୍ଞାପନ କରିଥିଲେ। ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରୁ ଲୋକେ ରାତି ୯ଟା ପର୍ଯ୍ୟନ୍ତ ବସି ଉପଭୋଗ କରିଥିଲେ।


ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟଶିଳ୍ପୀ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।


କେନ୍ଦୁଝର ସହରରେ ସୋମବାର ସକାଳ ସମୟରେ ପଡ଼ିଥିବା କୁହୁଡ଼ି। (ଫଟୋ- ନରେଶ ଚନ୍ଦ୍ର ପଟ୍ଟନାୟକ)

## ଚାକିରି କରାଇଦେବାକୁ କହି ଠକେଇ

ଯୋଡ଼ା,୨୨।୧୨(ମାନସ ମହାନ୍ତି):

କେନ୍ଦୁଝର ଜିଲା ଯୋଡ଼ା ସହରରେ ଏକ ଘରୋଇ ଠିକାସଂସ୍ଥାରେ କାର୍ଯ୍ୟରତ ଯୁବକ ସ୍ଥାନୀୟ ଅଞ୍ଚଳର ଏକାଧିକ ଯୁବକଙ୍କୁ ଚାକିରି କରାଇ ଦେବେ କହି ଲକ୍ଷାଧିକ ଟଙ୍କା ଠକିନେଇଛନ୍ତି। ଏ ନେଇ ଠକେଇର ଶିକାର ହୋଇଥିବା ଯୁବକମାନେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ଅଭିଯୋଗ ଅନୁଯାୟୀ, ଯୋଡ଼ାରେ ଥିବା ଏକ ଷ୍ଟିଲ ଏବଂ ମାଇନିଙ୍ଗ କମ୍ପାନୀରେ ଭିଟି( ଭୋକେସନାଲ ଟ୍ରେନିଂ) ଏବଂ କମ୍ପାନୀରେ ସ୍ଥାୟୀ ନିଯୁକ୍ତି କରାଇ ଦେବାକୁ କହି କମ୍ପାନୀରେ କାମ କରୁଥିବା ଜଣେ ଯୁବକ ପ୍ରତି ପ୍ରାର୍ଥୀଙ୍କଠାରୁ ମୋଟା ଅଙ୍କର ଟଙ୍କା ନେଇଥିଲେ। ଟଙ୍କା ଦେବା ପରେ ଅନେକ ଦିନ ବିତି ଯାଇଥିଲେ ହେଁ କୌଣସି ପ୍ରକାର ନିଯୁକ୍ତି ନ ମିଳିବାରୁ ଠକେଇର ଶିକାର ହୋଇଥିବା ଜାଣି ଯୁବତୀ, ଯୁବକମାନେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ପରେ ଅଧିକ ତଦନ୍ତ ଜାରି ରହିଥିବା ଥାନା ଆଇଆଇସି ପ୍ରଶାନ୍ତ କୁମାର ସାମଲ କହିଛନ୍ତି।

# ସରକାରୀ ମହିଳା ମହାବିଦ୍ୟାଳୟରେ ଗଣିତ ଦିବସ

କେନ୍ଦୁଝର,୨୨।୧୨(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ):

କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟରେ ସୋମବାର ଗଣିତ ବିଭାଗ ତରଫରୁ ଜାତୀୟ ଗଣିତ ଦିବସ ପାଳନ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁ ଅଧ୍ୟକ୍ଷତା କରି ରାମାନୁଜନଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭାଗ ମୁଖ୍ୟ ଡ. ରାଧାକୃଷ୍ଣ ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରି ରାମାନୁଜନଙ୍କ ସମୀକରଣରେ ଗଣିତର ଅନେକ ଶାଖା ସମ୍ପର୍କରେ ପିଲାଙ୍କୁ ଅବଗତ କରିଥିଲେ। ଅନ୍ୟତମ ପ୍ରାଧ୍ୟାପକ ରାସାୟନିକ ବିଜ୍ଞାନ ମୁଖ୍ୟ ଡ. ବିଷ୍ଣୁ ଚରଣ ଦାସ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥିଭାବେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ଗାୟତ୍ରୀ ମହାରଣା ଯୋଗଦେଇଥିଲେ। ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର୍ ଜ୍ୟୋତିରଞ୍ଜନ ଜେନା ସାମ୍ପ୍ରତିକ ସମୟରେ ଦୈନନ୍ଦିନ ଜୀବନରେ ଗଣିତର ବ୍ୟବହାର ଓ ଏହାର ସୌନ୍ଦର୍ଯ୍ୟତା ସମ୍ପର୍କରେ ପିଲାଙ୍କୁ କହିଥିଲେ। ଅନ୍ୟତମ ପଦାର୍ଥ ବିଜ୍ଞାନର ଅଧ୍ୟାପକ ପ୍ରଫେସର୍ ଡ. ସଞ୍ଜୟ ବେହେରା ସାମ୍ପ୍ରତିକ ସମୟରେ ଗଣିତର ଗୁରୁତ୍ୱ ଓ ମହତ୍ତ୍ୱ ସମ୍ପର୍କରେ ପିଲାଙ୍କୁ ସୂଚାଇଥିଲେ। ବିଭାଗର ୨୦୨୪-୨୫ ଶିକ୍ଷା ବର୍ଷର ଶ୍ରେଷ୍ଠ ଶିକ୍ଷାର୍ଥୀ ସମ୍ମାନ ତୁଳସୀ ମହାନ୍ତ ଓ ଶ୍ରେଷ୍ଠ ସଫଳତା ପୁରସ୍କାର ତପସ୍ୱିନୀ ମୁଣ୍ଡାଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ମହାବିଦ୍ୟାଳୟର ଶତାଧିକ ଛାତ୍ରୀ, ଅଧ୍ୟାପିକା, ଅଧ୍ୟାପକ ଓ ଅନ୍ୟାନ୍ୟ କର୍ମଚାରୀ ଯୋଗଦେଇଥିଲେ। ବିଭାଗର ଅନ୍ୟତମ ଅଧ୍ୟାପକ ପ୍ରଳୟ ଦାସ, ଅଧ୍ୟାପିକା ପ୍ରିୟଙ୍କା ଜେନା, ଅନ୍ୟତମ ମୁଖ୍ୟ କର୍ମୀ କମଲ ଲୋଚନ ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ସତ୍ୟବ୍ରତ ପୁଟି ଧନ୍ୟବାଦ ଅର୍ପଣ କରିଥିଲେ।

# ବସ୍ତା ବୋହିନେଲେ ଲୋକେ

## ଆଳୁ କିଲୋ ୭ ଟଙ୍କା

ଢେଙ୍କିକୋଟ୍,୨୨।୧୨(ନୀଳମଣି ମଣ୍ଡଳ):

କେନ୍ଦୁଝର ଜିଲା ଢେଙ୍କିକୋଟ୍‌ଠାରେ ସୋମବାର ଆଳୁ ଶସ୍ତା ହୋଇଯାଇଛି। ଆଳୁ କିଲୋ ୭ ଟଙ୍କା ଥିବା ବେଳେ ଲୋକେ ୫୦ କିଲୋ ଲେଖାଏ ତଥା ଆଳୁବସ୍ତା ବୋହିନେଇଥିଲେ। ଏପରିକି ଶସ୍ତା ଦେଖି ଖାଉଟି ୨ରୁ ୪ ବସ୍ତା ଆଳୁ ମଧ୍ୟ ନେଇଥିବା ଦେଖିବାକୁ ମିଳିଛି। କ୍ଷଣିକ ମଧ୍ୟରେ ଏକ ବଡ଼ ଟ୍ରକ୍ ସରିଯାଇଥିଲା।

ପ୍ରକାଶ ଯେ, ପୂର୍ବାହ୍ନ ୧୦ଟା ବେଳେ ୱେଷ୍ଟବେଙ୍ଗଲରୁ ଏକ ୧୬ ଚକିଆ ଆଳୁ ବୋଝେଇ ଟ୍ରକ୍ ଢେଙ୍କିକୋଟ ବଜାରରେ ପହଞ୍ଚିଥିଲା। ଆଳୁ ଆଣିଥିବା ବ୍ୟବସାୟୀ ବସ୍ତା ପ୍ରତି ୩୫୦ ଟଙ୍କା ହୋଲସେଲ ଦର ବୋଲି ଡାକିବାରୁ ବ୍ୟବସାୟୀ ଭାବି ପାର ନ ଥିଲେ। ଚୋରା ଆଳୁ ହୋଇଥିବ ଭାବି ବ୍ୟବସାୟୀ କିଣି ନ ଥିଲେ। ମାତ୍ର ଜଣେ ୨ ଜଣ ଖାଉଟି ୩୫୦ ଟଙ୍କା ଦରରେ ବସ୍ତା ଲେଖାଏ ଆଳୁ ନେବା ପରେ ଚାରି ଆଡେ ପ୍ରଚାର ହୋଇଗଲା। ପରେ ଖାଉଟିଙ୍କ ପ୍ରବଳ ଭିଡ଼ ଜମିଥିଲା। ଜଣ ପ୍ରତି ୨ରୁ ୩ଟା ଆଳୁ ବସ୍ତା ସାଇକେଲ, ବାଇକ୍ ଏବଂ ଅଟୋ ଯୋଗେ ବୋହି ନେଇଥିଲେ। ୨ ଘଣ୍ଟା ମଧ୍ୟରେ ସବୁ ଆଳୁ ଶେଷ ହୋଇଯାଇଥିଲା। ଏ ସମ୍ପର୍କରେ ଆଳୁ ଆଣିଥିବା ୱେଷ୍ଟବେଙ୍ଗଲ ବ୍ୟବସାୟୀଙ୍କୁ ପଚାରିବାରୁ କହିଥିଲେ, ବର୍ତ୍ତମାନ ଶୀତଳଭଣ୍ଡାର ଖାଲି କରିବା ପାଇଁ ପଡୁଛି। ନୂଆ ଆଳୁ ଭର୍ତ୍ତି ହେବ। ତେଣୁ ଶସ୍ତାରେ ଆଳୁ ବିକ୍ରି କରିବାକୁ ପଡୁଛି।


ଲୋକେ ଆଳୁ ବୋହି ନେଉଛନ୍ତି।

## ସଢ଼ା ସମବାୟ ସମିତି ବୈଠକ

ବଉଳା,୨୨।୧୨(ଦୁର୍ଗା ପ୍ରସାଦ ଆୟଚ):

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ସଢ଼ା ସମବାୟ ସମିତିର ବୈଠକ ସମିତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଅଲେଖ ମଲ୍ଲିକ ସଭାପତିତ୍ୱ କରିଥିଲେ। ଚଳିତ ମାସ ୨୬ ତାରିଖରେ ଧାନମଣ୍ଡି ଶୁଭାରମ୍ଭ ହେବାକୁ ଯାଉଥିବାବେଳେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ସଢ଼ା ସମବାୟ ସମିତିର ସମ୍ପାଦକ ରଞ୍ଜିତା ଜେନା, ସଦସ୍ୟ ଅନନ୍ତ ଚରଣ ପହି, ବିବେକ ମହାନ୍ତି, ଦେବେନ୍ଦ୍ର ଜେନା, ବନମାଳୀ ଦାସ, ଶୁକଦେବ ରାଉତ, ସନ୍ତୋଷ ଜେନା ଆଦି ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

ଢେଙ୍କିକୋଟ୍,୨୨।୧୨(ନୀଳମଣି ମଣ୍ଡଳ):

କେନ୍ଦୁଝର ଜିଲା ପାର୍କ ଚିକିଣିଆଠାରେ ରବିବାର ଢେଙ୍କିକୋଟ ସତ୍ୟନାରାୟଣ ବିଦ୍ୟାପୀଠର ୧୯୯୧ ଦଶମ ବ୍ୟାଚ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ ଉତ୍ସବ ପାଳନ ହୋଇଯାଇଛି। ୯ ଜଣ ଦିବଂଗତ ବନ୍ଧୁଙ୍କ ଅମର ଆତ୍ମାର ଶାନ୍ତି ନିମନ୍ତେ ୨ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ଲଲାଟେନ୍ଦୁ ସାହୁ ଆୟୋଜନର ମୁଖ୍ୟ ଭୂମିକା ଗ୍ରହଣ କରିଥିବା ବେଳେ ବନ୍ଧୁ ମିଳନ ଉତ୍ସବରେ ୩୩ ଜଣ ଉପସ୍ଥିତ ରହି ଭାବ ଆଦାନପ୍ରଦାନ କରିଥିଲେ।

# ଡୁବୁରୁମୁଙ୍ଗା ଥାନାରେ ଆମ ପୋଲିସ ସମିତି ବୈଠକ


ବୈଠକରେ ଉପସ୍ଥିତ ସ୍ଥାନୀୟ ଲୋକେ ଓ ପୋଲିସ ଅଧିକାରୀମାନେ।

ପାଟଣା,୨୨।୧୨(ବୀର କିଶୋର ଦାଶ): କେନ୍ଦୁଝର ଜିଲା ଡୁବୁରୁମୁଙ୍ଗା ଥାନା ପୋଲିସ ପକ୍ଷରୁ ସୋମବାର ଚେମଣା ପଞ୍ଚାୟତ ଅଙ୍ଗିକଳା ଗ୍ରାମରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡୁବୁରୁମୁଙ୍ଗା ଥାନା ଅଧିକାରୀ ଦିପ୍ତୀ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକ, ଅତିରିକ୍ତ ତହସିଲଦାର ଶରଣ ଜେନା, ରବି ଶଙ୍କର ହେମ୍ବ୍ରମ ପ୍ରମୁଖ ଯୋଗଦେଇ ଲୋକଙ୍କୁ ସାଇବର ଠକେଇ, ଗୁଣି ଗାରେଡ଼ି, ସୁନା ସଫେଇ ବାହାନାରେ ଲୁଟ, ଫେରିବାଲାଙ୍କ ତଥ୍ୟ, ଅନ୍ଧ ବିଶ୍ୱାସଠାରୁ ଦୁରେଇ ରହିବା ସହ ଆଇନଶୃଙ୍ଖଳା ଉପରେ ପୋଲିସକୁ ସହଯୋଗ କରିବାକୁ ନିବେଦନ କରିଥିଲେ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ କଂଗ୍ରେସର ବିକ୍ଷୋଭ

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଗାନ୍ଧୀଙ୍କ ନାମ ବାଦକୁ ବିରୋଧ

କେନ୍ଦୁଝର,୨୨।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର):

କେନ୍ଦୁଝର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରୁ ଗାନ୍ଧୀଙ୍କ ନାମକୁ ବାଦ ଦେବାକୁ ନେଇ ବିରୋଧ କରାଯାଇଛି। ଏ ନେଇ ସୋମବାର କଂଗ୍ରେସ କର୍ମୀ ଶୋଭାଯାତ୍ରାରେ ସ୍ଥାନୀୟ କଂଗ୍ରେସ ଭବନଠାରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପର୍ଯ୍ୟନ୍ତ ଯାଇ ବିକ୍ଷୋଭ କରିଥିଲେ। ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସଭାପତି ମନୋଜ ଜେନା, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ଏମ୍‌ପି ଯଶବନ୍ତ ସିଂ ଲାଗୁରି, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ, ପୂର୍ବତନ ଏମ୍‌ପି ପ୍ରାର୍ଥୀ ବିନୋଦ ବିହାରୀ ନାୟକ, ଘସିପୁରା କଂଗ୍ରେସ ବିଧାୟକ ପ୍ରାର୍ଥୀ ସୁବ୍ରତ ଚକ୍ର, ଜିଲ୍ଲା ପଛୁଆବର୍ଗ କଂଗ୍ରେସ ସଭାପତି ଯଦୁମଣି ବାରିକ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ବ୍ଲକ୍ ସଭାପତି ସୁବ୍ରତ ନାୟକ, ରାମଚନ୍ଦ୍ର ମହାରଣା, ଅମିତ ମହାନ୍ତ, ରଞ୍ଜିତ ବେହେରା, ହାଡ଼ିବନ୍ଧୁ ଖୁଣ୍ଟିଆ, କଂଗ୍ରେସ ନେତା ବସନ୍ତ ଦାସ, ଲଳିତ ମୋହନ ନାୟକ, ଚିତ୍ତରଞ୍ଜନ ପାତ୍ର, ଦିନେଶ ରାଉତ, ସୁଜଳ ସାହୁ, ସୁବଳ ରାଉତ, ଯୁବନେତା ମାନସ ରଞ୍ଜନ ଜେନା, ସୁବ୍ରତ ପ୍ରଧାନ, ପ୍ରଦୀପ ବେହେରା, ପ୍ରମୋଦ ବେହେରା, ସୌମ୍ୟରଞ୍ଜନ ରାଉତ, ଦିଲ୍ଲୀପ କୁମାର ଜେନା, ହୃଦୟ ରଞ୍ଜନ ସିଂହ, ସୁଶାନ୍ତ ଜେନା, ସୃଜନୀ ନାଏକ ଓ ଦିଲ୍ଲୀପ କୁମାର ସାହୁ ଉପସ୍ଥିତ ଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ କଂଗ୍ରେସ କର୍ମୀ ଓ ନେତା ଶୋଭାଯାତ୍ରାରେ ଯାଉଛନ୍ତି।

# ଠାକୁରାଣୀଙ୍କୁ ବଜାର ବୁଲାଇଲେ ମହିଳା

## ଟୁସୁ ପର୍ବ ଆରମ୍ଭ

ଢେଙ୍କିକୋଟ,୨୨।୧୨(ନୀଳମଣି ମଣ୍ଡଳ):

କେନ୍ଦୁଝର ଜିଲା ଢେଙ୍କିକୋଟ ଅଞ୍ଚଳରେ ଟୁସୁ ପର୍ବ ଆରମ୍ଭ ହୋଇଛି। ଏହି ଅବସରରେ ସୋମବାର ମହାନ୍ତ ଜନଜାତିର ଠାକୁରାଣୀ ଟୁସୁ ଦେବୀଙ୍କୁ ଢେଙ୍କିକୋଟ ବଜାରରେ ଦେଖିବାକୁ ମିଳିଥିଲା। ମହିଳାମାନେ ଟୁସୁ ଦେବୀଙ୍କୁ ସୁନ୍ଦର ଭାବେ ସଜିତ କରି ବଜାର ବୁଲାଉଥିବା ଦେଖାଯାଇଥିଲା।

ଲୋକକଥା ମୁତାବକ, ଟୁସୁ ଦେବୀ ଥିଲେ ମହାନ୍ତ ଜନଜାତିର। ଓଡ଼ିଶାକୁ ମୋଗଲମାନେ ଶାସନ କରୁଥିବା ସମୟରେ ଟୁସୁଙ୍କ ସୁନ୍ଦରତାରେ ମୁଗ୍ଧ ହୋଇ ମୋଗଲ ରାଜାଙ୍କ ପୁଅ ବିବାହ କରିବାକୁ ଜିଦ୍ କରିଥିଲେ। ମୋଗଲ ମୁସଲିମ ସମ୍ପ୍ରଦାୟର ହୋଇଥିବା ବେଳେ ଟୁସୁ ଓଡ଼ିଆ ହିନ୍ଦୁ ସମ୍ପ୍ରଦାୟର। ତେଣୁ ଟୁସୁ ବିବାହ ନିମନ୍ତେ ରାଜି ହୋଇ ନ ଥିଲେ। ଏ ନେଇ ରାଜା ଟୁସୁଙ୍କ ମାଆ, ବାପାଙ୍କୁ ଅକଥନୀୟ ଦଣ୍ଡ ଦେଇ ଟୁସୁଙ୍କୁ ନେଇଯିବାକୁ ଚେଷ୍ଟା କରିଥିଲେ। ଟୁସୁ ଦୌଡ଼ି ଯାଇ କୁସେଇ ନଦୀକୁ ଡେଇଁ ଆତ୍ମହତ୍ୟା କରିଥିଲେ। ସେହିଦିନଠାରୁ ଟୁସୁଙ୍କୁ ମହାନ୍ତ ସମ୍ପ୍ରଦାୟର ଲୋକମାନେ ଦେବୀଭାବେ ପୂଜା କରି ଆସୁଛନ୍ତି। ପୌଷ ମାସ ପ୍ରଥମ ଦିନରୁ ଆରମ୍ଭ ହୋଇଥିବା ବେଳେ ମାଘ ମାସ ପ୍ରାରମ୍ଭରେ ଭସାଣି ଉତ୍ସବ କରିଥାନ୍ତି। ମାସକ ମଧ୍ୟରେ ସେମାନେ ଟୁସୁଙ୍କ ମୃଣ୍ମୟ ପ୍ରତିମାକୁ ଗାଁ, ସାହି, ବସ୍ତି ଓ ବଜାର ବୁଲି ବଙ୍ଗଳାରେ ତାଙ୍କ ଗୁଣ ଗାରିମା ଗୀତ ଗାନ କରିଥାନ୍ତି। ସୋମବାର ଏହି ସମ୍ପ୍ରଦାୟର ଚିକିଣିଆ ଗ୍ରାମର ମହିଳା ମାନେ ଢେଙ୍କକୋଟ ବଜାରରେ ଦୋକାନ ବୁଲି ମାଜଣା କରୁଥିବା ଦେଖିବାକୁ ମିଳିଛି। ଆସନ୍ତା ମକର ସଂକ୍ରାନ୍ତି ଦିନ ଜିଲା ପାର୍କ ଚିକିଣିଆ ବନ୍ଧରେ ଭସାଣି ଉତ୍ସବ ପାଳନ ହେବ ବୋଲି ପ୍ରକାଶ କରିଛନ୍ତି।


ମହିଳାମାନେ ଟୁସୁ ଠାକୁରାଣୀଙ୍କୁ ବଜାର ପରିକ୍ରମା କରାଉଛନ୍ତି।

# ୨୭ରେ ରାଜ୍ୟ ଟାଏକୋଣ୍ଡୋ ଚାମ୍ପିୟନଶିପ୍

ଭଦ୍ରକ,୨୨।୧୨(ସନାତନ ରାଉତ)

ରାଜ୍ୟ ଟାଏକୋଣ୍ଡୋ ଆସୋସିଏଶନ ଅଫ୍ ଓଡ଼ିଶାର ୨୨ତମ ଚାମ୍ପିୟନସିପ୍ ଆସନ୍ତା ଡିସେମ୍ବର ୨୭ ତାରିଖରେ ଭଦ୍ରକ ଜିଲା ଚରମ୍ପା ମହାରାଜା ଅଗ୍ରସେନ ଭବନରେ ଅନୁଷ୍ଠିତ ହେବ ବୋଲି ତାଉର ରାଜ୍ୟ ସାଧାରଣ ସମ୍ପାଦକ ରବିନାରାୟଣ ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ଏଥିରେ ୧୮ଟି ଜିଲାର ୪୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଯୋଗଦେବାର କାର୍ଯ୍ୟକ୍ରମ ଅଛି। ଏହି ପ୍ରତିଯୋଗିତାରେ ବିଭିନ୍ନ ଓଜନ ବିଭାଗରେ ଖେଳ ହେବା ସହ ୩୦ ଜଣ ବ୍ଲାକ୍ ବେଲ୍ଟ,୧୮ଜଣ ଜାତୀୟ ରେଫେରି ଜିମି ଆର ଜଗତନୀଙ୍କ ସମ୍ମୁଖରେ ନିଜର ପରୀକ୍ଷା ଦେବାର କାର୍ଯ୍ୟକ୍ରମ ରହିଛି।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗର୍ଜିଲା କଂଗ୍ରେସ

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା ନାମକରଣ ପରିବର୍ତ୍ତନର ପ୍ରତିବାଦ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ କଂଗ୍ରେସ ନେତା ଓ କର୍ମୀମାନେ।

ଭଦ୍ରକ,୨୨।୧୨(ସନାତନ ରାଉତ)

ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ନାମକରଣ ପରିବର୍ତ୍ତନ ପ୍ରତିବାଦରେ ଭଦ୍ରକ ଜିଲା କଂଗ୍ରେସ ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ଧାରଣା ଦିଆଯାଇଛି। ଜିଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଏହି ଧାରଣା ଦିଆଯାଇଥିବା ବେଳେ ଏଥିରେ ଦଳୀୟ ନେତା ଓ କର୍ମୀମାନେ ସାମିଲ ହୋଇଥିଲେ। ଜାତିର ପିତା ମହାତ୍ମାଗାନ୍ଧୀଙ୍କ ନାମରେ ଏହି କର୍ମ ନିଯୁକ୍ତି ଯୋଜନା ନାମକରଣ ହୋଇଥିବା ବେଳେ ତାଙ୍କ ନାମକୁ ମୋଦି ସରକାର ପରିବର୍ତ୍ତନ କରିବା ଏକ ହୀନ ମାନସିକତାର ପରିଚୟ। ଯିଏ ଦେଶକୁ ସ୍ୱାଧୀନ କରିଥିଲେ ତାଙ୍କ ନାମକୁ ପରିବର୍ତ୍ତନ କରାଯିବା ଅସାମ୍ବିଧାନିକ ଅଟେ। ଏଥିପାଇଁ ସାଧାରଣ ଜନତା ପ୍ରତିବାଦ କରିବା ଆବଶ୍ୟକ ବୋଲି ଜିଲା ସଭାପତି ମହାନ୍ତି କହିଛନ୍ତି। ଏବେ ପେଟ୍ରୋଲ, ଡିଜେଲଠାରୁ ଆରମ୍ଭ କରି ସବୁ ଜିନିଷର ଦର ଆକାଶ ଛୁଆଁ ହୋଇଥିବା ବେଳେ ସାଧାରଣ ଗରିବ ଲୋକ ଖାଇବାକୁ ପାଉନାହାନ୍ତି। ମହିଳାମାନେ ସୁରକ୍ଷିତ ନାହାନ୍ତି। କେବଳ ଭୋଟ ଚୋରି କରି ଭାଜପା ସରକାର ଗଠନ କରୁଥିବା ବେଳେ ଲୋକଙ୍କ ପାଇଁ କୌଣସି କାମ ନ କରି କେବଳ ଗଣତନ୍ତ୍ରକୁ ହତ୍ୟା କରୁଛନ୍ତି ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ଯୁବନେତା ଦେବରୂପ ମହାନ୍ତି, ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ଦଳିତ ନେତା ରାଜେନ୍ଦ୍ର ପ୍ରସାଦ ଯେନା, ନାରୀନେତ୍ରୀ ସବିତା ଚାନ୍ଦ, ଦେବରୂପ ମହାନ୍ତି, ଟାଉନ ସଭାପତି ଅବଦୁଲ ମୋକିତ ଖାଁ, ରମେଶ ବେହେରା, ଅମିତାବାଳା ଆଚାର୍ଯ୍ୟ, ସାହିଲ କାଦ୍ରୀ, ଜାହିଦ ଶାହାଙ୍କ ସମେତ ବହୁ ସଂଖ୍ୟାର ଦଳୀୟ କର୍ମୀ ଯୋଗ ଦେଇଥିଲେ। ଏହି ଅବସରରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳଙ୍କୁ ପ୍ରଦାନ କରାଯାଇଥିଲା।

# ବେଲଗଡ଼ିଆ ହାଇସ୍କୁଲର ବାର୍ଷିକୋତ୍ସବ



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

ଭଣ୍ଡାରିପୋଖରୀ,୨୨।୧୨(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ ବେଲଗଡ଼ିଆ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ବିଦ୍ୟାର୍ଥୀ ପାରଦର୍ଶିତା ମୂଲ୍ୟାୟନ ମହୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିଷ୍ଣୁଚରଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହୋତ୍ସବକୁ ସାମାଜିକକର୍ମୀ ବଦ୍ରି ନାରାୟଣ ଧଳ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରଞ୍ଜନ କୁମାର ପରିଡ଼ା, ମୁଖ୍ୟବକ୍ତା ଭାବେ ଆଲୁମିନୀ କମିଟି ସଭାପତି ମୁକୁନ୍ଦ କୁମାର ରାଉତ, ଅନ୍ୟତମ ଅତିଥି ଭାବେ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ପୀତାମ୍ବର ରାଉତ, ରଘୁନାଥ ଶତପଥୀ, ପ୍ରମୋଦ କୁମାର ଦେବ, ନାରାୟଣ ପ୍ରଧାନ, ନିର୍ମଳ ଧଳ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷାର୍ଥୀମାନଙ୍କ ସ୍ୱପ୍ନକୁ ଶାଣିତ କରିବା ଏବଂ ପ୍ରତିଭାକୁ ପ୍ରସ୍ଫୁଟିତ କରିବା ଶିକ୍ଷକମାନଙ୍କ କାର୍ଯ୍ୟ ବୋଲି ଅତିଥିମାନେ କହିଥିଲେ। ଶିକ୍ଷକ ନରେନ୍ଦ୍ର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ଜେନା ଧନ୍ୟବାଦ ଦେଇଥିଲେ।

# ବାଲ୍ୟବିବାହ ବନ୍ଦ ନେଇ ସଚେତନତା

ଭଣ୍ଡାରିପୋଖରୀ,୨୨।୧୨
(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ୍ ମହିଳା ଓ ଶିଶୁ ବିକାଶ ପକ୍ଷରୁ ବାଲ୍ୟ ବିବାହ ବନ୍ଦ ନେଇ ଲୋକକଳା ପାଲା ମାଧ୍ୟମରେ ଜନ ସଚେତନତା ସୃଷ୍ଟି କରାଯାଇଛି। ଜନ୍ମରୁ ୬ବର୍ଷ ପର୍ଯ୍ୟନ୍ତ ଶିଶୁ ମାନଙ୍କର ବୌଦ୍ଧିକ ଓ ସ୍ୱାସ୍ଥ୍ୟଗତ ଶାରୀରିକ ଯତ୍ନ ପାଇଁ ମଧ ପରାମର୍ଶ ଦିଆଯାଇଛି। ବ୍ଲକର ସରସଦା, ରହଣିଆ, ପାହିମହୁରା, କୁମ୍ଭାରିଆ ଓ ନେରଡ଼ାଠାରେ ଏହି ଜନ ସଚେତନତା ପାଲା ସୋମବାର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ବ୍ଲକ୍ ଆଇସିଡିଏସ୍ ମୁଖ୍ୟ ରୀତାରାଣୀ ମାଝୀ ଓ ସୁପରଭାଇଜରମାନେ ପରିଚାଳନା କରିଥିଲେ।

# ବିଧାୟକ ମେଧା ସମ୍ମାନ-୨୦୨୫ର ଶୁଭାରମ୍ଭ



ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ତ୍ରୀ, ଜିଲାପାଳ ଓ ଅନ୍ୟମାନେ।

ଧାମନଗର,୨୨।୧୨
(ସନ୍ତୋଷ କୁମାର ମହାପାତ୍ର/ଦେବେନ୍ଦ୍ର ଆନ୍ଦିଆ)

ଭଦ୍ରକ ଜିଲା ଧାମନଗର ନିର୍ବାଚନ ମଣ୍ଡଳୀରେ ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ପାଇଁ ଧାମନଗର ବିଧାୟକ ତଥା ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଦ୍ୱାରା ବିଧାୟକ ମେଧା ସମ୍ମାନ-୨୦୨୫ର ସୋମବାର ଶୁଭାରମ୍ଭ କରାଯାଇଛି। ଧାମନଗର ଏନ୍‌ଏସି କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାୟ ୪୦୦ରୁ ଅଧିକ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଭଦ୍ରକ ଜିଲାପାଳ ଦିଲୀପ ରାଉତରାଏ, ସିଡିଓ ଶୁଭେନ୍ଦ୍ର କୁମାର ସାମଲ, ଉପ ଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲା ଶିକ୍ଷା ଅଧିକାରୀ ଡ. ଜଗବନ୍ଧୁ ସାହୁ ଏବଂ ଏନ୍‌ସିଇଆର୍‌ଟିର ମୁଖ୍ୟ ପଦାଧିକାରୀ ଅଞ୍ଜନା ଆରୋରା ପ୍ରମୁଖ ଯୋଗଦେଇ ଶିକ୍ଷା ବିକାଶ ଉପରେ ଆଲୋଚନା କରିଥିଲେ। ୪ଟି ସ୍ୱତନ୍ତ୍ର ଅଧିବେଶନରେ ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ନାମଲେଖା ବୃଦ୍ଧି କରିବା, ବିଦ୍ୟାଳୟରୁ ପାଠ ଛାଡୁଥିବା (ଡ୍ରପ୍ ଆଉଟ) ଛାତ୍ରୀଛାତ୍ରଙ୍କ ସଂଖ୍ୟା ହ୍ରାସ କରିବା ଏବଂ ପିଲାଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ାଇବା ଆଦି ପ୍ରସଙ୍ଗରେ ତାଲିମ ଦିଆଯାଇଥିଲା। ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରୋତ୍ସାହନ ରାଶି ବାବଦରେ ଜଣ ପିଛା ୫ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଘୋଷଣା କରିଛନ୍ତି। ନିର୍ବାଚନ ମଣ୍ଡଳୀରେ ମାଟ୍ରିକ୍ ପରୀକ୍ଷାରେ ସର୍ବାଧିକ ଏ-୧ ଗ୍ରେଡ୍ ପାଇଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ୧୦ ହଜାର ଟଙ୍କା, ସ୍କୁଲରେ ଡ୍ରପ୍‌ଆଉଟ ହ୍ରାସ କରିବାରେ ସଫଳ ହୋଇଥିବା ପ୍ରଧାନଶିକ୍ଷକଙ୍କୁ ୧୦ ହଜାର, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ଶିକ୍ଷକଙ୍କୁ ଅତିରିକ୍ତ ୧୦ ହଜାର ଟଙ୍କା ପ୍ରଦାନ କରାଯିବ। ତେବେ ନାମଲେଖା କ୍ଷେତ୍ରରେ ୧୫ ପ୍ରତିଶତ କିମ୍ବା ତଦୁର୍ଦ୍ଧ୍ୱ ବୃଦ୍ଧି କରିଥିବା ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ସ୍କୁଲର ବିକାଶ ପାଇଁ ବିଧାୟକ ପାଣ୍ଠିରୁ ୧୫ ଲକ୍ଷ ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ଶିକ୍ଷକମାନେ ହିଁ ସମାଜର ମୂଳଦୁଆ। ଏହି ପୁରସ୍କାର ଓ ତାଲିମ ଫଳରେ ଧାମନଗରର ପ୍ରତିଟି ଶିକ୍ଷାନୁଷ୍ଠାନ ଏକ ଆଦର୍ଶ ଶିକ୍ଷାନୁଷ୍ଠାନ ଭାବେ ଗଢ଼ି ଉଠିବ ବୋଲି ମନ୍ତ୍ରୀ ବକ୍ତବ୍ୟରେ କହିଥିଲେ। ଗୋକୁଳବନର ପଞ୍ଚ ଶଙ୍ଖା ନାମକ ଏକ ବହି ଶିକ୍ଷକଙ୍କୁ ଉପହାର ଦେଇଥିଲେ। ଶେଷରେ ସଙ୍ଗୀତ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ଶିକ୍ଷାଭିତ୍ତିକ ନାଟକ ମଞ୍ଚସ୍ଥ ହୋଇଥିଲା।

# ବିଡିଓଙ୍କ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି

ତିହିଡି,୨୨।୧୨(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡି ବ୍ଲକ୍ କାର୍ଯ୍ୟାଳୟରେ ସୋମବାର ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସୁଶାସନ ସପ୍ତାହ ପାଳନ ଅବସରରେ ପ୍ରଶାସନ ଗାଁ କି ଔର କାର୍ଯ୍ୟକ୍ରମରେ ଏହି ଶିବିର ବିଡ଼ିଓଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଶିବିରରେ ବିଭିନ୍ନ ଅଞ୍ଚଳରୁ ହୋଇଥିବା ମୋଟ ୨୭ ଅଭିଯୋଗର ଶୁଣାଣି କରାଯାଇଥିଲା। ରାଶନ କାର୍ଡ଼, ଅନ୍ତୋଦୟ ଗୃହ, ଭତ୍ତା ନେଇ ଏହି ଅଭିଯୋଗ ହୋଇଥିବା ଜଣାପଡ଼ିଛି। ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ବିଡିଓ ନିରଞ୍ଜନ ବାରିକ ଏସବୁ ଅଭିଯୋଗର ଶୁଣାଣି କରିଥିଲେ। ଏଥିସହ ଜନଶୁଣାଣି ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ସମସ୍ତ ଅଭିଯୋଗର ସମାଧାନ କରାଯାଇଥିଲା। ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଞ୍ଜନ ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗଣିତ ଦିବସ ପାଳିତ

ବାସୁଦେବପୁର,୨୨।୧୨(କାଳିପଦ ରାୟ)

ଭଦ୍ରକ ବାସୁଦେବପୁର ପୌରାଞ୍ଚଳ ଅଧୀନ ଲୋକନାଥ ପାଠାଗାର ପକ୍ଷରୁ ସୋମବାର ଜାତୀୟ ଗଣିତ ଦିବସ ତଥା ଭାରତର ଶ୍ରେଷ୍ଠ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ଜନ୍ମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପାଠାଗାର ପରିସରରେ ବିଦ୍ୟାଶ୍ରୀ ଘରୋଇ ଶିକ୍ଷାନୁଷ୍ଠାନର ପିଲାଙ୍କୁ ଏକତ୍ରିତ କରି ୧୮୮୭ ଡିସେମ୍ବର ୨୨ରେ ଜନ୍ମଗ୍ରହଣ କରିଥିବା ମେଧାବୀ ଜିଜ୍ଞାସୁ ରାମାନୁଜନଙ୍କ ଘାତପ୍ରତିଘାତର ସଂଘର୍ଷମୟ ଜୀବନ କାହାଣୀ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ପାଠାଗାରର ପ୍ରତିଷ୍ଠାତା ତଥା ବାଇଚଢ଼େଇର ସମ୍ପାଦକ ବିକାଶ ଶତପଥୀଙ୍କ ସଭାପତିତ୍ୱରେ ଅତିଥିଭାବେ ବରିଷ୍ଠ ଶିକ୍ଷାବିତ୍ ସଦାନନ୍ଦ ପାଣିଗ୍ରାହୀ, ସାମାଜିକକର୍ମୀ ବିଦ୍ୟାଧର ନାୟକ, ଶିକ୍ଷାନୁଷ୍ଠାନର ପ୍ରମୁଖ ରଣଜିତ୍ ସେଠୀ, ଶିଶୁ ଲେଖକ ବିନମ୍ର ଶତପଥୀ ଓ ଶିକ୍ଷୟିତ୍ରୀ ବସୁମତୀ ସେଠୀ ପ୍ରମୁଖ ଉପସ୍ଥିତ ରହିଥିଲେ। ପିଲାମାନେ ଗଣିତକୁ ଭୟ ନ କରି ଏହାର ପ୍ରକୃତିକୁ ବୁଝିବାର ଏକ ବଳିଷ୍ଠ ମାଧ୍ୟମ ଭାବେ ଗ୍ରହଣ କରିବା ସହିତ ରାମାନୁଜନଙ୍କ ପରି ଘାତ ପ୍ରତିଘାତକୁ ଭ୍ରୁକ୍ଷେପ ନ କରି ଅଭାବ ଅନାଟନ ଭିତରେ ନିଜ ମନୋବଳକୁ ଦୃଢ଼ କରିବା ପାଇଁ ମାର୍ଗଦର୍ଶନ କରାଯାଇଥିଲା। ଏହି ଅବସରରେ ସଂକ୍ଷିପ୍ତ ଜୀବନୀ ତଥା ତାଙ୍କ ଜୀବନାଦର୍ଶ ଉପରେ ଅତିଥିମାନେ ଆଲୋଚନା କରିଥିଲେ। ଶେଷରେ ପାଠାଗାର ପକ୍ଷରୁ ଆସ ମୋବାଇଲ ଛାଡ଼ି ବହି ଧରିବା ଅଭିଯାନରେ ନିଶୁଳ୍କ ଜୀବନୀ ପୁସ୍ତକ ପଢ଼ିବା ପାଇଁ ପିଲାମାନଙ୍କୁ ଦିଆଯାଇଥିଲା। ଛାତ୍ରୀ ଚାନ୍ଦିନୀ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।



ଶ୍ରୀନିବାସ ରାମାନୁଜନଙ୍କ ଜନ୍ମ ଦିବସ।

# ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

ଚାନ୍ଦବାଲି,୨୨।୧୨(କିଷାନ ପାତ୍ର)

ଚାନ୍ଦବାଲି ବ୍ଲକ ପିଏମ୍‌ଶ୍ରୀ ଦାଖା ସରକାରୀ ଉଚ୍ଚ ବିଦ୍ୟାଳୟର ୭୯ତମ ବାର୍ଷିକ ଉତ୍ସବ 'ଇନ୍ଦ୍ରଧନୁ-୨୦୨୫' ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶାନ୍ତନୁ କୁମ୍ଭକାରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଏଡିଏମ୍ ରବିନାରାୟଣ ସାହୁ, ମୁଖ୍ୟବକ୍ତା ଭାବେ ବିଡିଓ ସଞ୍ଜୀବ କୁମାର ମହାପାତ୍ର ଯୋଗ ଦେଇଥିଲେ। ପଞ୍ଚସଖା ଶିକ୍ଷା ସେତୁ କମିଟି ସଭାପତି ଶ୍ରୀମନ୍ତ ଖୁଣ୍ଟିଆ, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ପାରିଷଦ ଚନ୍ଦନ ରାଉତ, କମିଟି ସଭାପତି ବବିତା ରାଣୀ ଦାସ ଯୋଗଦେଇ ଶିକ୍ଷାର ଗୁରୁତ୍ୱ, ଛାତ୍ରୀଛାତ୍ରଙ୍କ ଚରିତ୍ର ଗଠନ ଓ ରାଷ୍ଟ୍ର ନିର୍ମାଣରେ ଶିକ୍ଷାର ଭୂମିକା ଉପରେ ମତାମତ ରଖିଥିଲେ। ଶିକ୍ଷକ ନିରାକାର ପରିଡ଼ା ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚସଖା ଶିକ୍ଷା ସେତୁ କମିଟିର ସଦସ୍ୟ ତାରାପଦ ମହାନ୍ତି, ସଦସ୍ୟ ଗୋପୀରାମ ଅଗ୍ରୱାଲ, ଅମୀୟ କୁମାର ସାହୁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଭାସ୍କର ମହାନ୍ତି,ବିଶ୍ୱାସ ରଞ୍ଜନ ଭୋଇ, ପ୍ରଶାନ୍ତ କୁମାର ଦାସ, ବ୍ରଜକିଶୋର ବେହେରା, ଜ୍ଞାନେନ୍ଦ୍ର ବାରିକ, ତାପସୀ କୁମାର ବଳ ଏବଂ ଶିକ୍ଷୟିତ୍ରୀ ସ୍ମିତାରାଣୀ ମଲ୍ଲିକ, ଜୟରା ଖାତୁନ, ନିବେଦିତା ସାହୁ, ସୁନୀତା ମହାରଣା, ଗୀତରାଣୀ ମଲ୍ଲିକ, ଲୋପାମୁଦ୍ରା ମଲ୍ଲିକ ଓ ଦୀପାଞ୍ଜଳି ସେଠୀ ପରିଚାଳନାରେ ସହଯୋଗ କରିଥିଲେ।

# ଚୁଡ଼ାକୁଟି ଶିଶୁମନ୍ଦିରର ବାର୍ଷିକ କ୍ରୀଡ଼ା

ଧାମନଗର,୨୨।୧୨
(ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକ ଚୁଡ଼ାକୁଟି ମେଳଣ ପଡ଼ିଆଠାରେ ଚୁଡ଼ାକୁଟି ସରସ୍ୱତୀ ଶିଶୁ ମନ୍ଦିରର ନବମ ବାର୍ଷିକ କ୍ରୀଡ଼ା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିରର ସଭାପତି ଜୟନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧାମନଗର ଥାନା ଅଧିକାରୀ ରଞ୍ଜନ କୁମାର ସେଠୀ, ମୁଖ୍ୟବକ୍ତା ଭାବେ ଇନ୍ଦ୍ରଗୋବିନ୍ଦ ଆଞ୍ଚଳିକ ସାଧନ କେନ୍ଦ୍ରର ପୂର୍ବତନ ସଂଯୋଜକ ପ୍ରଶାନ୍ତ କୁମାର ବେହେରା, ଅନ୍ୟତମ ଅତିଥି ଭାବେ ଏସ୍‌ଆଇ ପ୍ରଦୀପ କୁମାର ନାୟକ, ସାମାଜିକକର୍ମୀ ପ୍ରଶାନ୍ତ ସାହୁ, ଖବରଦାତା ସୁଶାନ୍ତ କୁମାର ରାଉତ ଓ ସଞ୍ଜୀବ ମହାନ୍ତି, ବିକେସି ଶିଶୁ ମନ୍ଦିର ସମ୍ପାଦକ ଅର୍ଜୁନ ଚରଣ ଦାସ ପ୍ରମୁଖ ଯୋଗଦେଇ କ୍ରୀଡ଼ା ଶିଶୁମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଉପାଦେୟ ବୋଲି ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ସମ୍ପାଦକ ବିବେକାନନ୍ଦ ପଣ୍ଡା, ଗୁରୁଜୀ ସଞ୍ଜୟ କୁମାର ସେଠୀ ପିଲାମାନଙ୍କୁ ସୂର୍ଯ୍ୟ ନମସ୍କାର କରାଇଥିଲେ। ୧୦୦ ମିଟର ଦୌଡ଼, ବାଇଗଣ ଦୌଡ଼, ଗଣିତ ଦୌଡ଼, ବେଙ୍ଗ ଡିଆଁ ଓ ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମାମିନାରାଣୀ ପାଲ, ଗୋପିକା ରାଣୀ ଦେ, ପ୍ରମିଳା ବେହେରା, ସରିତା ନାୟକ, ପ୍ରିୟଙ୍କା ସାହୁ ଓ ସେବିକା ଧରିତ୍ରୀ ରାଣୀ ପାଗଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# 'ଶିକ୍ଷା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସମ୍ପଦ'

ତିହିଡି,୨୨।୧୨(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡି ବ୍ଲକ୍ ବୋଡ଼କ ପଞ୍ଚାୟତସ୍ଥିତ ନାୟକାଣୀ ସରକାରୀ ଉଚ୍ଚ ମାଧ୍ୟମିକ ସ୍କୁଲର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଶିକ୍ଷୟିତ୍ରୀ ମୋନାଲିସା ତ୍ରିପାଠୀଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ ଡା. ଅନୀଲ କୁମାର ଦାସ ଯୋଗଦେଇ ଶିକ୍ଷା ହେଉଛି ଛାତ୍ରୀଛାତ୍ରଙ୍କ ଭବିଷ୍ୟତର ମୁଖ୍ୟ ସମ୍ପଦ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ଇଂ. ଅଭୟ ସୁତାର, ଅନ୍ୟତମ ଅତିଥିଭାବେ ଖବରଦାତା ପ୍ରଭାତ ରାଉଳ, ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ, ଶିକ୍ଷାବିତ୍ ସୁଧୀର କୁମାର ପରିଡ଼ା, ଚକ୍ରଧର ସାହୁ, ସ୍କୁଲ ପରିଚାଳନା କମିଟି ସଭାପତି ପ୍ରଶାନ୍ତ କୁମାର ଖଟୁଆ ପ୍ରମୁଖ ଯୋଗଦେଇ ସ୍କୁଲକୁ ଛାତ୍ରୀଛାତ୍ରମାନେ ବିଦ୍ୟାମନ୍ଦିର ରୂପେ ଗ୍ରହଣ କଲେ ଶିକ୍ଷାରେ ସିଦ୍ଧି ମିଳିବ ବୋଲି କହିଥିଲେ। ଶିକ୍ଷକ ଶଶିକାନ୍ତ ବେହେରା ମଞ୍ଚ ପରିଚାଳନା କରିଥିଲେ। ଗତ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀ ଅମ୍ରିତା ପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାଛଡ଼ା ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ରମେଶ ଚନ୍ଦ୍ର ବେହେରା, ଦିଲୀପ ପଣ୍ଡା, ରଚନା ଜେନା, ମୌସୁମୀ ଭଟ୍ଟାଚାର୍ଯ୍ୟ, ଅନୀଲ ପାଲ, ମିହିର ମଲ୍ଲିକ, ରାଜଶ୍ରୀ ସିଂହ, ମହେଶ୍ୱର ନାଥ, ସତ୍ୟନାରାୟଣ ଦାସ, ଇନ୍ଦୁପ୍ରଭା ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ମାଟ୍ରିକ୍ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବାମପନ୍ଥୀ ଦଳର ବିକ୍ଷୋଭ

## ଭିବି ଜୀ ରାମ ଗ୍ରାମୀଣ ବିଲ୍‌ର ପୁନର୍ବିଚାର ଦାବି

ଭଦ୍ରକ,୨୨।୧୨(ସନାତନ ରାଉତ)

୨୦୦୫ ମସିହାରେ ମହାତ୍ମାଗାନ୍ଧୀଙ୍କ ନାମରେ ମହାତ୍ମାଗାନ୍ଧୀ ନିଶ୍ଚିତ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା ପ୍ରଣୟନ କରାଯାଇଥିଲା। ଏହି ଯୋଜନାରେ ଜଣେ ଶ୍ରମିକ ବର୍ଷକୁ ସର୍ବନିମ୍ନ ୧୦୦ ଦିନର କାମ ପାଇବାର ଆଇନଗତ ବ୍ୟବସ୍ଥା ଥିଲା। ଏହି ଆଇନକୁ ମୋଦି ସରକାର ଉଚ୍ଛେଦ କରି ଭିବି ଜୀ ରାମ ଗ୍ରାମୀଣ ବିଲ୍- ୨୦୨୫ ସଂସଦରେ ପାରିତ କରିଛନ୍ତି। ଏହା ଗ୍ରାମୀଣ ଶ୍ରମିକଙ୍କ ଆଇନଗତ ଅଧିକାରକୁ କ୍ଷତି ପହଞ୍ଚାଉଥିବାରୁ ଏହାର ପ୍ରତିବାଦରେ ସିପିଆଇ(ଏମ୍), ସିପିଆଇ ପକ୍ଷରୁ ମିଳିତ ଭାବେ ସୋମବାର ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଶ୍ରମିକ ବିରୋଧୀ ବିଲ୍‌ରେ ଦସ୍ତଖତ ନ କରି ପୁନର୍ବିଚାର ପାଇଁ ସଂସଦକୁ ଫେରାଇ ଦେବାକୁ ମିଳିତ ବାମପନ୍ଥୀ ପ୍ରତିନିଧି ଦଳ ଦାବିପତ୍ରରେ ନିବେଦନ କରିଛନ୍ତି। ପୂର୍ବାହ୍ନ ୧୧ଟାରେ ଭଦ୍ରକ ବନ୍ତଛକଠାରୁ ଏକ ଶୋଭାଯାତ୍ରାରେ ବାହାରି ଭଦ୍ରକ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇ(ଏମ୍) ଜିଲା ସମ୍ପାଦକ ଦିବ୍ୟସିଂହ ନାୟକ ଓ ସିପିଆଇ ଜିଲା ସମ୍ପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତିଙ୍କ ଯୌଥ ସଭାପତିତ୍ୱରେ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରତିବାଦ ସଭାରେ ସିପିଆଇ(ଏମ୍) ନେତା ପ୍ରଫୁଲ୍ଲ ପାଢ଼ୀ, ପ୍ରଭାସ ମହାପାତ୍ର, ବିଷ୍ଣୁ ଦାଶ, ଯୁବନେତା ବିକାଶ ନାଥ, ମହିଳା ନେତ୍ରୀ ସୁରଜିତା ନାୟକ, ଗିରିଧାରୀ ନାଥ, ବରିଷ୍ଠ ନେତା ଚନ୍ଦ୍ରଶେଖର ନାୟକ, ନିରଞ୍ଜନ ପାଣି, ଯୁବନେତା ପ୍ରତାପ ସେଠୀ, ସିପିଆଇ ନେତା ରମେଶ ଯେନା, ବିମ୍ବାଧର ବାରିକ, ହରିହର ବେହେରା, ଦିଲୀପ ନାୟକ, ରବିନ୍ଦ୍ର ବାରିକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଶ୍ରମିକଙ୍କ ପାଇଁ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ପ୍ରଣୟନ କରିବାକୁ ବାମପନ୍ଥୀ ନେତୃତ୍ୱ ଏହି ଆନ୍ଦୋଳନ ମାଧ୍ୟମରେ ଦାବି କରିଥିଲେ। ବିଲ୍ ପ୍ରତ୍ୟାହାର ନ ହେଲେ ଜିଲାବ୍ୟାପୀ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି।



ବାମପନ୍ଥୀ ଦଳ ପକ୍ଷରୁ ଅନୁଷ୍ଠିତ ଶୋଭାଯାତ୍ରା।

## ଏମ୍‌ପିସି କଲେଜରେ ଗଣିତ ଦିବସ

ବାରିପଦା,୨୨।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତକତପୁରସ୍ଥିତ ଏମ୍‌ପିସି ସ୍ୱୟଂଶାସିତ କଲେଜର ଗଣିତ ବିଭାଗ ପକ୍ଷରୁ ଗଣିତ ଦିବସ ପାଳନ ସହ ମେମୋରି ଲେଆଉଟ ଅଫ ସି ପ୍ରୋଗ୍ରାମିଙ୍ଗ ପ୍ରସଙ୍ଗରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଷୟ ବିଶାରଦ ଭାବେ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଏମସିଏ ବିଭାଗର ସହକାରୀ ପ୍ରଫେସର ଡ. ସ୍ୱରୂପାନନ୍ଦ ବିଶୋଇ ଯୋଗଦେଇ ପାୱାର ପଏଣ୍ଟ ଉପସ୍ଥାପନ ମାଧ୍ୟମରେ ଆଲୋଚ୍ୟ ପ୍ରସଙ୍ଗରେ ଚର୍ଚ୍ଚା କରିଥିଲେ। ବିଭାଗୀୟ ମୁଖ୍ୟ ଡ.ମନମୋହନ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭାଗୀୟ ଅଧ୍ୟାପକ ଡ. ନିଳରତ୍ନ କଲିଆ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ପ୍ରିୟପଦ ହେମ୍ବ୍ରମ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭିତରେ ଜିଲାପାଳ, ବାହାରେ ପଢ଼ିଲେ ଛାତ୍ରୀଛାତ୍ର

■ ୪ କି.ମି. ଚାଲି ଚାଲି ଆସିଲେ
■ ନିଆରା ଢଙ୍ଗରେ କଲେ ପ୍ରତିବାଦ

ଉଦଳା,୨୨।୧୨(ସନ୍ତୋଷ କୁମାର ବାଛିନୀ)


ଜନଶୁଣାଣି ଶିବିର ବାହାରେ ବସିଥିବା ଛାତ୍ରୀଛାତ୍ରମାନେ।

ବିଦ୍ୟାଳୟ ଗୃହ ଭାଙ୍ଗିବା ପାଇଁ ନୋଟିସ ଆସିବା ପରେ ବିରୋଧ କରିଛନ୍ତି ଛାତ୍ରୀଛାତ୍ର। ବିଦ୍ୟାଳୟଠାରୁ ୪ କି.ମି. ଚାଲି ଚାଲି ଆସି ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ସମ୍ମୁଖରେ ତଳେ ବସି ପାଠ ପଢ଼ି ଅଭିନବ ଢଙ୍ଗରେ ପ୍ରତିବାଦ କରିବା ଚର୍ଚ୍ଚାର ବିଷୟ ହୋଇଛି। ମୟୂରଭଞ୍ଜ ଜିଲା ଉଦଳାଠାରେ ଚାଲିଥିବା ଯୁଗ୍ମ ଜନଶୁଣାଣି ଶିବିର ସମ୍ମୁଖରେ ସୋମବାର ପୂର୍ବାହ୍ନ ୧୧ଟା ସମୟରେ ଏହି ଘଟଣା ଦେଖିବାକୁ ମିଳିଥିଲା।

ଅଭିଯୋଗ ଅନୁଯାୟୀ, ଗୋପବନ୍ଧୁନଗର ବ୍ଲକ ପୁରଡିହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୩୦ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ଏହି ବିଦ୍ୟାଳୟରେ ଶ୍ରେଣୀ ଗୃହର ଅଭାବ ଥିଲା। ଏନେଇ ପ୍ରତିବାଦ କରିବା ପରେ ୩ଟି ଅସ୍ଥାୟୀ ଶ୍ରେଣୀ ଗୃହ ନିର୍ମାଣ କରାଯାଇଥିଲା। ହେଲେ ସେହି ଶ୍ରେଣୀ ଗୃହରେ ପାଠ ପଢ଼ା ଚାଲିଥିବା ବେଳେ ଦୁଇ ଦିନ ପୂର୍ବରୁ ଅଚାନକ ଆସନ୍ତା ୨୩ ତାରିଖରେ ବିଦ୍ୟାଳୟ ଗୃହ ଭଙ୍ଗାଯିବ ବୋଲି ନୋଟିସ ଆସି ପହଞ୍ଚିଥିଲା ବିଦ୍ୟାଳୟରେ। ଏହା ଜାଣିବା ପରେ ତାତିଥିଲେ ଛାତ୍ରୀଛାତ୍ର ଏବଂ ଅଭିଭାବକ। ବିଦ୍ୟାଳୟ ନ ଭାଙ୍ଗିବା ପାଇଁ ଗୁହାରି ଜଣାଇବାକୁ ଛାତ୍ରୀଛାତ୍ରମାନେ ବିଦ୍ୟାଳୟରୁ ବାହାରି ୪ କି.ମି. ଚାଲି ଚାଲି ଆସି ଉଦଳାଠାରେ ଚାଲିଥିବା ଜିଲାପାଳ ଏବଂ ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର ନିକଟରେ ପହଞ୍ଚିଥିଲେ। ଶିବିର ବାହାରେ ବହି ବସ୍ତାନୀ ଧରି ପାଠ ପଢ଼ିଥିଲେ ଛାତ୍ରୀଛାତ୍ର। ସେହିଠାରେ ପାଠ ପଢି ନିଆରା ଢଙ୍ଗରେ ପ୍ରତିବାଦ କରିଥିଲେ। ଗୋପବନ୍ଧୁନଗର ବିଇଓଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ ଆସି ବୁଝାଶୁଝା କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିଲା। ଶେଷରେ ଜିଲାପାଳ ଛାତ୍ରୀଛାତ୍ରମାନଙ୍କୁ ଭେଟିଥିଲେ। ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ନ ଭାଙ୍ଗିବା ପାଇଁ ଜିଲାପାଳଙ୍କୁ ଗୁହାରି କରିବା ସହିତ ସେମାନଙ୍କ ଭବିଷ୍ୟତ ବାବଦରେ ଚିନ୍ତା କରିବାକୁ କହିଥିଲେ। ପିଲାମାନଙ୍କ କଥା ଶୁଣିବା ପରେ ଜିଲାପାଳ ହେମକାନ୍ତ ସୟ ବିଦ୍ୟାଳୟ ଭଙ୍ଗା ଯିବ ନାହିଁ ଏବଂ ଆସିଥିବା କୋର୍ଟ ନୋଟିସ ପାଇଁ ଏକ ଲେଖା ପ୍ରଦାନ କରିବାକୁ ବିଦ୍ୟାଳୟ ଚେୟାରମ୍ୟାନଙ୍କୁ କହିଥିଲେ। ଜିଲାପାଳଙ୍କ ନିକଟରୁ ଏହି ପ୍ରତିଶ୍ରୁତି ପାଇବା ପରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଫେରିଥିଲେ।

## ଜମି ଅଧିଗ୍ରହଣ ପାଇଁ ସ୍ୱତନ୍ତ୍ର ବୈଠକ



ବୈଠକରେ ଉପସ୍ଥିତ ଅଧିକାରୀମାନେ।

ମୋରଡ଼ା/ରାସଗୋବିନ୍ଦପୁର, ୨୨।୧୨
(ସ୍ମାରକ ମାଜୀ/ ସତ୍ୟବାଦୀ ପରିଡ଼ା)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ୍ ଅଧୀନ ଅମର୍ଦ୍ଦା ଏୟାରଷ୍ଟ୍ରିପ୍ ପାଇଁ ଜମି ଅଧିଗ୍ରହଣ ନିମନ୍ତେ ଏକ ସ୍ୱତନ୍ତ୍ର ବୈଠକ ସୋମବାର ପୂର୍ବାହ୍ନ ୧୧ଟା୩୦ମିନିଟ ସମୟରେ ଦେବଶୋଳ ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ପ୍ରଶାସନିକ ଅଧିକାରୀଙ୍କ ସମେତ ଦେବଶୋଳ, ରଙ୍ଗାମାଟିଆ, ଡାହିସାହି ମୌଜାର ଗ୍ରାମବାସୀ ଉପସ୍ଥିତ ଥିଲେ। ରାସଗୋବିନ୍ଦପୁର ବିଡିଓ ଅନନ୍ତ କୁମାର ହାଁସଦା, ତହସିଲଦାର ଉପେନ୍ଦ୍ର ଦାସ, ବେତନଟୀ ଏସ୍‌ଡିପିଓ ମିନତୀ ବିଶ୍ୱାଳ, ଏବିଡିଓ ଜୟକୃଷ୍ଣ ନାୟକ, ପଞ୍ଚାୟତ ଅଧିକାରୀ ରଶ୍ମିରେଖା ମହାନ୍ତ,

### ଅମର୍ଦ୍ଦା ଏୟାରଷ୍ଟ୍ରିପ୍

ରାସଗୋବିନ୍ଦପୁର ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ, ସାମାଜିକକର୍ମୀ ଆଦିତ୍ୟ ପଟ୍ଟନାୟକ, ବ୍ରଜକିଶୋର ଦାସ, ସରପଞ୍ଚ ଲକ୍ଷ୍ମୀ ହାଁସଦା ପ୍ରମୁଖ ଉପସ୍ଥିତ ରହି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ତେବେ ଉକ୍ତ ଏୟାରଷ୍ଟ୍ରିପର ପୁନଃରୁଦ୍ଧାର ପାଇଁ ରାସଗୋବିନ୍ଦପୁର ବ୍ଲକରେ ୨୭୫ ଏକର ଜାଗା ଦରକାର ପଡୁଛି। ଉକ୍ତ ଏୟାରଷ୍ଟ୍ରିପ କାର୍ଯ୍ୟକ୍ଷମ ହେଲେ ଅଞ୍ଚଳରେ ଗମନାଗମନର ସୁବିଧା ହେବା ସହ ବିକାଶ ତ୍ୱରାନ୍ୱିତ ହେବ। ପର୍ଯ୍ୟଟନସ୍ଥଳୀର ବିକାଶ ସାଙ୍ଗକୁ ପରୋକ୍ଷରେ ଅନେକ ଲୋକ ରୋଜଗାର ପାଇ ପାରିବେ ବୋଲି ମତପ୍ରକାଶ ପାଇଛି।

## ବିଦ୍ୟାଳୟରେ ହଷ୍ଟେଲ ଖୋଲିବାକୁ ଦାବିପତ୍ର

ମୋରଡ଼ା/ରାସଗୋବିନ୍ଦପୁର,୨୨।୧୨
(ସ୍ମାରକ ମାଜୀ/ସତ୍ୟବାଦୀ ପରିଡ଼ା)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ଅଧୀନ ସାରୁମୂଳା ପଞ୍ଚାୟତର ଧାନଶୋଳ(କ) ବିଦ୍ୟାଳୟରେ ହଷ୍ଟେଲ ଖୋଲିବାକୁ ନେଇ ମୟୂରଭଞ୍ଜ ଜିଲାପାଳଙ୍କ ଏକ ଦାବିପତ୍ର ରାସଗୋବିନ୍ଦପୁର ବିଡିଓ ଅନନ୍ତ ହାଁସଦାଙ୍କୁ ଅଭିଭାବକମାନେ ସୋମବାର ଦାବିପତ୍ର ପ୍ରଦାନ କରିଛନ୍ତି। ଧାନଶୋଳ ଗ୍ରାମ ଚାରିପଟେ ଜଙ୍ଗଲ ଘେରି ରହିଥିବା ବେଳେ ଏହା ଏକ ଆଦିବାସୀ ବହୁଳ ଗ୍ରାମ। ଅଧିକାଂଶ ଅଭିଭାବକ ଦିନ ମଜୁରିଆ। ଉକ୍ତ ଗ୍ରାମରେ ଥିବା ଧାନଶୋଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୫୦ଜଣ ଛାତ୍ରୀଛାତ୍ର ପାଠ ପଢ଼ନ୍ତି। ଅଭିଭାବକମାନେ ରୋଜଗାର ପାଇଁ ଅନ୍ୟତ୍ର କାମ କରିବାକୁ ଯାଉଥିବାରୁ ସେମାନେ ନିଜ ପିଲାଙ୍କର ଠିକ୍ ଭାବେ ଯତ୍ନ ନେଇ ପାରୁନାହାନ୍ତି। ତେଣୁ ଧାନଶୋଳ(କ) ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ହଷ୍ଟେଲ ନିର୍ମାଣ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ସରପଞ୍ଚ ମନୋରଞ୍ଜନ ସିଂ, ସମିତି ସଭ୍ୟ ମମତା ମହାନ୍ତି, ସାମାଜିକକର୍ମୀ ଉତ୍ତମ ମହାନ୍ତି ଓ ଅଭିଭାବକମାନେ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟଯେ, ଧାନଶୋଳ(କ) ହାତୀ ପ୍ରବଣ ଅଞ୍ଚଳ ହୋଇଥିବାରୁ ଜଙ୍ଗଲ ଘେରା ଉକ୍ତ ଗ୍ରାମର ପିଲାମାନଙ୍କ ଜୀବନ ପ୍ରତି ବିପଦ ଅଛି।


ଦାବିପତ୍ର ପ୍ରଦାନ କରାଯାଉଛି।

## ମୟୂରଭଞ୍ଜରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ


ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନବେଳେ ଉପସ୍ଥିତ ସଚିବ, ଜିଲାପାଳ ଓ ଅନ୍ୟମାନେ।

ବାରିପଦା,୨୨।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ତଥା ଜିଲା ନୋଡାଲ ଅଧିକାରୀ ଶୁଭା ଶର୍ମା ୩ ଦିନିଆ ମୟୂରଭଞ୍ଜ ଜିଲା ଗସ୍ତରେ ଆସିଛନ୍ତି। ସେ ଜିଲାର ବିଭିନ୍ନ କ୍ଷେତ୍ର ପରିଦର୍ଶନରେ ଯାଇ କାର୍ଯ୍ୟକାରି ହେଉଥିବା ଉନ୍ନୟନ ମୂଳକ ପ୍ରକଳ୍ପ କାର୍ଯ୍ୟର ସ୍ଥିତି, ଅଗ୍ରଗତି ଏବଂ ଜନ କଲ୍ୟାଣକାରୀ ଯୋଜନା ଗୁଡିକର କାର୍ଯ୍ୟକାରିତା ଉପରେ ଅନୁଧ୍ୟାନ କରିଛନ୍ତି। ଏହି କ୍ଷେତ୍ର ପରିଦର୍ଶନ ସମୟରେ ଜିଲାପାଳ ହେମକାନ୍ତ ସୟ, କରଞ୍ଜିଆ ଉପଜିଲାପାଳ କସ୍ତୁରୀ ପଣ୍ଡା ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ପ୍ରଥମେ ଯଶିପୁର ବ୍ଲକ ଅଧୀନ ସାତକୋଶିଆ ପଞ୍ଚାୟତର ଘୁଲଘୁଲିଆ ଅଙ୍ଗନୱାଡିଠାରେ ପୋଷଣ ଯତ୍ନ କେନ୍ଦ୍ର, ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ପ୍ରଧାନମନ୍ତ୍ରୀ ବୟୋ ବନ୍ଦନା ଯୋଜନାର ସମୀକ୍ଷା କରିଥିଲେ। କରଞ୍ଜିଆଠାରେ ବିଶ୍ୱବନ୍ଧୁ ସେବକ ସଂଘ ଦ୍ୱାରା ପରିଚାଳିତ ଶିଶୁ ଯତ୍ନ କେନ୍ଦ୍ର ଯାଇ ଏହାର ଆନୁସଙ୍ଗିକ ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ।

ଯଶିପୁର ଠାରେ ବିଭିନ୍ନ ଆବାସିକ ବିଦ୍ୟାଳୟ ପରିଦର୍ଶନ କରି ଅନ୍ତେବାସୀ ମାନଙ୍କ ଖାଇବା ଓ ନିବାସରେ ରହଣି ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟ ଯାଇ ଛାତ୍ରୀ ଓ ଅଧ୍ୟାପକମାନଙ୍କ ସହିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ରାଇରଙ୍ଗପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକରେ ଯୋଗଦେଇ କାର୍ଯ୍ୟକାରୀ ହେଉଥିବା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାର ସ୍ଥିତି ଓ ଉନ୍ନୟନ ପ୍ରକଳ୍ପ ଗୁଡିକର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଉକ୍ତ ବୈଠକରେ ରାଇରଙ୍ଗପୁର ଅତିରିକ୍ତ ଜିଲାପାଳ ସୁଚାରୁ ବଳ, ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ, ରାଇରଙ୍ଗପୁର ଉପଜିଲାପାଳ ସୌମ୍ୟ ରଞ୍ଜନ ପ୍ରଧାନ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

## ବ୍ରହ୍ମ ମନ୍ଦିର ଶତବାର୍ଷିକୀ ଉତ୍ସବ

ବାରିପଦା,୨୨।୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୦ନଂ ୱାର୍ଡ ସ୍ଥିତ ଐତିହ୍ୟ ସମ୍ପନ୍ନ ବ୍ରହ୍ମମନ୍ଦିରର ଶତବାର୍ଷିକୀ ଉତ୍ସବ ଉଦଯାପିତ ହୋଇଯାଇଛି। ଜାତୀୟ ସ୍ମାରକୀ ଅଥରିଟିର ପ୍ରାକ୍ତନ ଅଧ୍ୟକ୍ଷ ଡ.କିଶୋର କୁମାର ବସାଙ୍କ ପୌରହିତ୍ୟରେ ବୌଦ୍ଧିକ ଆଲୋଚନା କାର୍ଯ୍ୟକ୍ରମରେ ଭାଗନେଇ ଧର୍ମରତ୍ନ ପୂର୍ଣ୍ଣଚନ୍ଦ୍ର ବୁରୁଡେଇକ, ମାନବ ଧର୍ମ ଆଚାର୍ଯ୍ୟ ହିମାକର ଟାଟା, ଅନିଲ ଧୀର, ଶିକ୍ଷାବିତ୍ ଡ. ଶୁଭଙ୍କର ଘୋଷ, ସମାଜସେବୀ ପ୍ରିତିଶ ବସା, ବ୍ରହ୍ମକୁମାରୀ ଉମା ଭଉଣୀ, ଶିକ୍ଷାବିତ ସନ୍ଦୀପ ଚାନ୍ଦ ସର୍ଦ୍ଦାର ରାଜିନ୍ଦର ସିଂହ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଧର୍ମ ଉପରେ ଆଲୋକପାତ କରିଥିଲେ। ସଭାରେ ପ୍ରଥମେ ବର୍ଷିୟାନ ବ୍ରାହ୍ମପ୍ରେମୀ ରେବେକା ରକ୍ଷିତ, ମାନସୀ ସାନ୍ୟାଲ ବ୍ରହ୍ମ ସଂଗୀତ ଗାନ କରିଥିଲେ। ଉପାସନାରେ ଭାଗନେଇ କୋଲକାତାର ଆଚାର୍ଯ୍ୟ ଅନିରୁଦ୍ଧ ରକ୍ଷିତ ଉପସ୍ଥିତ ସମସ୍ତଙ୍କୁ ବିମୋହିତ କରିଥିଲେ। ସତ୍ୟସିଂ ଦାସ ଭକ୍ତକବି ମଧୁସୂଦନ ରାଓଙ୍କ ରଚିତ ବ୍ରହ୍ମଗୀତ ଆବୃତ୍ତି କରିଥିଲେ। ଆଶିଷ ବସା ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟା ଅଧିବେଶନରେ ବାରିପଦା ବ୍ରହ୍ମସମାଜର ପ୍ରାଣ ପ୍ରତିଷ୍ଠାତା ନନ୍ଦଲାଲ ବନ୍ଦୋପାଧ୍ୟାୟଙ୍କ ରଚିତ ବ୍ରହ୍ମ ସଂଗୀତକୁ ଟ୍ରଷ୍ଟର ମୁଖ୍ୟ ରଞ୍ଜନ ବାନାର୍ଜୀ ଆବୃତ୍ତି କରିଥିଲେ। ଇ. ମାନସ ଷଡ଼ଙ୍ଗୀଙ୍କ ସଂଯୋଜନାରେ ବର୍ଷୀୟାନ ବ୍ରହ୍ମ ପ୍ରେମୀ କୋଲକାତାର ଅନିରୁଦ୍ଧ ରକ୍ଷିତ, ଶୁକ୍ଲା ବାନାର୍ଜୀ ପ୍ରମୁଖ ଯୋଗଦେଇ ଉପାସନା କରିଥିଲେ। ମିଡ଼ିଆ କମିଟିର ମୁଖ୍ୟ ସଂଯୋଜକ ସୋମନାଥ ସିଂହ ଧନ୍ୟବାଦ ଦେଇଥିଲେ।

## ୬ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ପାଇପ୍ ଚୋରି

ବୈଶିଙ୍ଗା,୨୨।୧୨(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଞ୍ଚଳରେ ନିର୍ମାଣ ଚାଲିଥିବା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ନିମନ୍ତେ ଗଚ୍ଛିତ ଥିବା ପାଇପ ମଧ୍ୟରୁ ୨୪ ଖଣ୍ଡ ମୂଲ୍ୟବାନ ପାଇପ ରବିବାର ରାତିରେ ଚୋରି ହେଇଯାଇଥିବା ନେଇ ଅଭିଯୋଗ ହୋଇଛି।

ସୂଚନା ମୁତାବକ, ୧୮ ନଂ. ଜାତୀୟ ରାଜପଥ ପଦ୍ମନାଭପୁର ଟୋଲ ପ୍ଲାଜା ନିକଟରେ ଏହି ପ୍ରକଳ୍ପ ନିର୍ମାଣ କରୁଥିବା ଏକ ସଂସ୍ଥାର ନିର୍ମାଣ ସାମଗ୍ରୀ ଗଚ୍ଛିତ ରଖିବା ପାଇଁ ଷ୍ଟକ ୟାର୍ଡ ରହିଛି। ତେବେ ଏଠାରୁ ୨୪ ପିସ ମୂଲ୍ୟବାନ ପାଇପ ରବିବାର ରାତିରେ ଚୋରି ହେଇଯାଇଥିବା ନେଇ ସୋମବାର ପୋଲିସ ନିକଟରେ ଅଭିଯୋଗ ହୋଇଛି। ଦାୟିତ୍ୱରେ ଥିବା ଭେଣ୍ଡର ହରିୟଣା ନିବାସୀ ଜୁବେର୍ ଅହମ୍ମଦ ଏହାର ମୂଲ୍ୟ ୬ଲକ୍ଷ ୫୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି କହିଛନ୍ତି। ଏନେଇ ପୋଲିସ ଏକ ମାମଲା(ନଂ. ୬୪୨/୨୫) ରୁଜୁ କରି ତଦନ୍ତ ଜାରି ରଖିଛି।

## ୭୦ ଅଭିଯୋଗର ହେଲା ଶୁଣାଣି

ଉଦଳା,୨୨।୧୨(ସନ୍ତୋଷ କୁମାର ବାଛିନୀ)

କପ୍ତିପଦା ଉପଖଣ୍ଡ ନିମନ୍ତେ ସୋମବାର ଜିଲ୍ଲାପାଳ ଏବଂ ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଶିବିରରେ ମୟୂରଭଞ୍ଜ ଜିଲାପାଳ ହେମକାନ୍ତ ସୟ, ଏସ୍‌ପି ବରୁଣ ଗୁଣ୍ଟୁପାଲି ଯୋଗଦେଇ ସମୁଦାୟ ୭୦ ଅଭିଯୋଗର ଶୁଣାଣିକରିଛନ୍ତି। ଉପଜିଲାପାଳ ସୁଶାନ୍ତ କୁମାର ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ନରେନ୍ଦ୍ର ଖମାରୀ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ହୃଷିକେଶ ନାଏକ, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡା. ମିନକେତନ ମହାନ୍ତି ଯୋଗ ଦେବା ସହିତ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଜିଲା ଓ ଉପଖଣ୍ଡ ତଥା ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଶୁଣାଣିକାର୍ଯ୍ୟରେ ସହଯୋଗ କରିଥିଲେ। ସମସ୍ତ ଅଭିଯୋଗ ମଧ୍ୟରେ ୫୮ଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଥିବା ସ୍ଥଳେ ୧୨ଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା। ସେଥିମଧ୍ୟରୁ ୮ ଗୋଟି ସମସ୍ୟାର ତତ୍କାଳ ସମାଧାନ କରାଯାଇ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୬ ଜଣଙ୍କୁ ୫ ହଜାର ଲେଖାଏ, ଜଣକୁ ୧୦ ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଥିଲା ଏବଂ ଅନ୍ୟ ଜଣଙ୍କୁ ପରାମର୍ଶ ମାଧ୍ୟମରେ ତତ୍କାଳ ସମାଧାନ କରାଯାଇଥିଲା

## ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ

ବେତନଟୀ,୨୨।୧୨(ଧରଣୀଧର ମହାନ୍ତି)

ବେତନଟୀ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ରବିବାର ଧର୍ମଶାଳା ପରିସରରେ ସପ୍ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସଂଘର ସଭାପତି ବରିଷ୍ଠ ଆଇନଜୀବୀ ହିମାଂଶୁ ପରିଡାଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ଜୟନ୍ତ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି, ସମ୍ପାଦକଙ୍କ ସମେତ ଉପସଭାପତି ଅମରେନ୍ଦ୍ର ନାଥ ଦାସ, ଉପସଭାପତି ଗୌତମ ବେହେରା ମଞ୍ଚରେ ଅତିଥିଭାବେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବେତନଟୀର ବିଭିନ୍ନ ସାମାଜିକ ସଂଗଠନର ଉପସ୍ଥିତି ଦେଖିବାକୁ ମିଳିଥିଲା। ସଂଗଠନଗୁଡ଼ିକ ବେତନଟୀରେ ରହିଥିବା ବିଭିନ୍ନ ସମସ୍ୟା ବାବଦରେ ଆଲୋକପାତ କରିଥିଲେ। ବେତନଟୀରେ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ସ୍ଥାନ ନ ଥିବା, ପରିବେଶ ପ୍ରଦୂଷଣ ଓ ରେଲୱେ ସମସ୍ୟା ପରି ଅନେକ ସମସ୍ୟା ବାବଦରେ ଆଲୋଚନା ହୋଇଥିଲା। ବେତନଟୀକୁ ସବଡିଭିଜନ ମାନ୍ୟତା ପାଇଁ ଦାବି କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ବେତନଟୀକୁ ଏନ୍‌ଏସି ମାନ୍ୟତା ପାଇଁ ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀ, ବିଧାୟକଙ୍କୁ କୃତଜ୍ଞତା ଜଣାଇଥିଲେ। କାର୍ଯ୍ୟକ୍ରମରେ ବେତନଟୀ ବରିଷ୍ଠ ନାଗରିକ ସଂଘର ଶତାଧିକ କାର୍ଯ୍ୟକର୍ତ୍ତାଙ୍କ ସମେତ ୟଙ୍ଗ ମେନ ଆସୋସିଏସନ, ରେଲୱେ ପାସେଞ୍ଜର ଫୋରମ, ପଦ୍ମମାଳି ମହିଳା ସଂଗଠନ, ବେତନଟୀ ଓକିଲ ସଂଘ, ଆନନ୍ଦ ବଜାର ଦୁର୍ଗାପୂଜା କମିଟି, ବସଷ୍ଟାଣ୍ଡ ଦୁର୍ଗାପୂଜା କମିଟି, ବ୍ଲକ ସାମ୍ବାଦିକ ସଂଘ ସମେତ ବିଭିନ୍ନ ସଂଗଠନର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହିଥିଲେ।

## 'ରାଷ୍ଟ୍ର ଗଠନରେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ବଡ଼ସାହି (ସସ୍ମିତ କୁମାର ରାଉତ),୨୨।୧୨

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ବେଲପାଳସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଦ୍ୱାବିଂଶତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି ଯୋଗ ଦେଇଥିଲେ। ରାଷ୍ଟ୍ର ନିର୍ମାଣରେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଛାତ୍ରୀଛାତ୍ରଙ୍କୁ ଉତ୍ତମ ମଣିଷ ଭାବେ ଗଢ଼ି ତୋଳିବାରେ ଗୁରୁଙ୍କ ସହ ମାତାପିତାଙ୍କ ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ବାଲେଶ୍ୱର ଜିଲା ପ୍ରମୁଖ କିରଣ କୁମାର ମହାରଣା ଉପସ୍ଥିତ ରହି ପ୍ରାଚୀନ ସଂସ୍କୃତି ସମ୍ପନ୍ନ ଶିକ୍ଷା ଭାରତକୁ ବିଶ୍ୱ ଗୁରୁ ମାନ୍ୟତା ଦେଇଥିଲା। ବର୍ତ୍ତମାନର ଦିଗହରା ଶିକ୍ଷା ନୂତନ ଶିକ୍ଷାନୀତିର ପ୍ରଚଳନ ଦ୍ୱାରା ପୁଣି ଭାରତକୁ ବିଶ୍ୱ ଗୁରୁ କରିବ ବୋଲି କହିଥିଲେ। ପ୍ରାରମ୍ଭରେ ବାଗ୍‌ଦେବୀଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ। ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିବା ପରେ ବିଦ୍ୟାଳୟର ସମ୍ପାଦକ ପ୍ରଦୀପ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଶାଶ୍ୱତୀ ଦାସ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ୨୭ଜଣ କୃତୀ ଭଉଣୀଭାଇମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ବାଞ୍ଛାନିଧି ଶିକ୍ଷାବୃତ୍ତି ଓ ବଚହରି ସୁଶୀଳା ମେମୋରିଆଲ କମିଟି ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ସେହିପରି ଶିକ୍ଷା କ୍ଷେତ୍ରରେ ବେଲପାଳ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ସୁର ସୁନ୍ଦର ଭଞ୍ଜବାବୁଙ୍କୁ ଉପଢ଼ୌକନ ଓ ମାନପତ୍ର ଦେଇ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଚାଳନା ସମିତିର ଉପସଭାପତି କୋଷାଧ୍ୟକ୍ଷ ସନ୍ତୋଷ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।

# ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ବିଜେଡି


ବିଜେଡି ନେତାମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ବାରିପଦା,୨୨।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

### ଗଛକାଟି ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପ୍ରସଙ୍ଗ

ବାରିପଦା ସହରର ପାଲବଣିଠାରେ ବ୍ୟାପକ ଗଛକାଟି ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ଘଟଣାରେ ମୟୂରଭଞ୍ଜ ଜିଲା ବିଜୁଜନତା ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି। ସୋମବାର ସକାଳେ ଦଳୀୟ ନେତୃବୃନ୍ଦ ଜିଲାପାଳ ହେମକାନ୍ତ ସୟଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ପତ୍ରର ଏକକିତା ନକଲ ରାଜସ୍ୱ ବିଭାଗ, ବନ ଓ ପରିବେଶ ବିଭାଗ ସଚିବ, ଓଡ଼ିଶା ବନ ଉନ୍ନୟନନିଗମ ଅଧ୍ୟକ୍ଷ ଏବଂ ଓଏସଆରଟିସି ପ୍ରଧାନ ସଚିବଙ୍କୁ ମଧ୍ୟ ପ୍ରଦାନ କରାଯାଇଛି।

ବିଜେଡିର ଅଭିଯୋଗ ଅନୁଯାୟୀ, ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଗତ ୧୭ ତାରିଖରୁ ଅନେକ ହଜାର ଗଛ କାଟିବା କାର୍ଯ୍ୟ ଆରମ୍ଭ ହୋଇଛି। ନୂଆ ବସ୍‌ଷ୍ଟାଣ୍ଡ ପାଇଁ ମନୋନୀତ ସ୍ଥାନଟି ଅତି ଘଞ୍ଚ ସବୁଜ ଆଚ୍ଛାଦିତ ଅଞ୍ଚଳ। ଏଠାରେ ଶାଳଠାରୁ ଆରମ୍ଭ କରି ମୂଲ୍ୟବାନ ଗଛ ଭରପୂର ମାତ୍ରାରେ ଥିବାରୁ ସହରର ଅମ୍ଳଜାନର ଉତ୍ସ ଭାବେ କାର୍ଯ୍ୟ କରୁଥିଲା। କିନ୍ତୁ ସ୍ଥାନୀୟ ଲୋକ, ବନ ସୁରକ୍ଷା କମିଟିର ମତାମତ ନ ନେଇ ଜିଲା ପ୍ରଶାସନ ଏକପାଖିଆ ଭାବେ ନୂଆ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାକୁ ନିଷ୍ପତ୍ତି ନେବା ସ୍ଥାନୀୟ ଲୋକ ଓ ପରିବେଶପ୍ରେମୀଙ୍କୁ ହତବାକ୍ କରିଛି। ଯଦି ଏହି ନୂଆ ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଗଛକଟା ବନ୍ଦ କରା ନ ଯାଏ ତେବେ ବାରିପଦାରେ ଜଙ୍ଗଲ ଅଞ୍ଚଳ ହ୍ରାସ ପାଇ ଭବିଷ୍ୟତରେ ଅନେକ ପରିବେଶଗତ ସମସ୍ୟା ଉତ୍ପନ୍ନ ହେବ। ପୂର୍ବରୁ ଜିଲା ପ୍ରଶାସନ ବାରିପଦା ସର୍କଲ ଜେଲ ଅଧୀନରେ ଥିବା ମୁର୍ଗାବାଡ଼ିଠାରେ ଏକ ଉପଯୁକ୍ତ ଜମି ଚିହ୍ନଟ କରିଥିଲା ଏବଂ ଯଥେଷ୍ଟ କ୍ଷତିପୂରଣ ନେଇ ସେଠାରେ ନୂଆ ବସ୍‌ଷ୍ଟାଣ୍ଡ କରିବାକୁ ଯୋଜନା କରିଥିଲା। କିନ୍ତୁ ବିନା ବିସ୍ତୃତ ଅଧ୍ୟୟନରେ ପ୍ରଶାସନ ଏକତରଫା ଭାବେ ଗଭୀର ଜଙ୍ଗଲ ଭିତରେ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାକୁ ନିଷ୍ପତ୍ତି ନେବା ଦୁର୍ଭାଗ୍ୟ ଜନକ ବୋଲି ବିଜେଡି ଅଭିଯୋଗ କରିଛି।

ଦଳ ପକ୍ଷରୁ ଜିଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ପୂର୍ବତନ ବିଧାୟକ ରାଜକିଶୋର ଦାସ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗରପାଳ ସୀମା ଦାସ, ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି, ପୂର୍ବତନ ସଭାପତି ଦେବାଶିଷ ମହାନ୍ତି, ପୂର୍ବତନ ଏସଡିସି ଅଧ୍ୟକ୍ଷ ଦେବାଶିଷ ମାରାଣ୍ଡି, ପ୍ରଭାତ ନାୟକ, ଦେବୀଦତ୍ତ ଦାଶ, ସୁନୀଲ ନାୟକ, ଅରୁଣ ବରାଡ, ମହେଶ ଭଞ୍ଜଦେଓ, ଦିପ୍ତୀଲତା ମିଶ୍ର, ସବିତା ବେହେରା ଓ ବୀଣାପାଣି ସାହୁଙ୍କ ସମେତ ଶତାଧିକ କର୍ମକର୍ତ୍ତା ଦଳୀୟ କାର୍ଯ୍ୟାଳୟ ବିଜୁଭବନରୁ ପଦଯାତ୍ରାରେ ଯାଇ ଜିଲାପାଳଙ୍କୁ ଭେଟି ଅଭିଯୋଗ ପତ୍ର ପ୍ରଦାନ କରିଥିଲେ।

### ସପକ୍ଷରେ ବିଭିନ୍ନ ସଂଗଠନ

ବାରିପଦା,୨୨।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାର ପାଲବଣିଠାରେ ହେବାକୁ ଥିବା ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ରୋକିବାକୁ କିଛି ନ୍ୟସ୍ତସ୍ୱାର୍ଥ ଲୋକ ଲାଗିଛନ୍ତି। ପରିବେଶକୁ ଆଳ କରି ନିଜର ପକେଟ ଗରମ କରିବାକୁ ଚାହୁଁଛନ୍ତି ବୋଲି ବସ୍‌ଷ୍ଟାଣ୍ଡ ସପକ୍ଷବାଦୀ ବିଭିନ୍ନ ସଂଗଠନ ମତପୋଷଣ କରିଛନ୍ତି। ରବିବାର ପାଲବଣି ଦୁର୍ଗାପୂଜା ମଣ୍ଡପରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପାଲାବଣି ଦୁର୍ଗାପୂଜା କମିଟି, ଲକ୍ଷ୍ମୀପୂଜା କମଟି, ଷ୍ଟେଶନ ଆଥଲେଟିକ ଆସୋସିଏସନ, ମୟୂରଭଞ୍ଜ ସିନିୟର ସିଟିଜେନ ଫୋରମ, ମୟୂରଭଞ୍ଜ ଟ୍ରକ ଆସୋସିଏସନ, ଲେଟକଟ କ୍ଲବ, ଛାଞ୍ଚ ଉନ୍ନୟନ ପରିଷଦ, ପଞ୍ଚତରକା କ୍ଲବର କାର୍ଯ୍ୟକର୍ତ୍ତାମାନେ ବସଷ୍ଟାଣ୍ଡ ନିର୍ମାଣ ବିରୋଧକୁ ନାପସନ୍ଦ କରିଛନ୍ତି। ଗିରିଶଚନ୍ଦ୍ର ଦାସ, ଅଶିତ କର, ଆଦିତ୍ୟ ଦଣ୍ଡପାଟ, ସଞ୍ଜୀବ ଦ୍ୱିବେଦୀ, ଦେବବ୍ରତ ସାମଲ, ତ୍ରିଲୋଚନ ଗିରି, ଅଶୋକ କୁମାର ଗିରି, ଶାଶାଙ୍କ ଶେଖର କର, ଶଙ୍କୁ ପାଲ, ହରିଶ ହେମ୍ବ୍ରମ, ପ୍ରଦୀପ ମୁର୍ମୁ, ଦେବାଶିଷ ପାତ୍ର, ଜେ.ଯାନକି ରାମ, ରତିକାନ୍ତ ବେହେରା, ରାଜେଶ ନାୟକ, ରଞ୍ଜନ ପଟ୍ଟନାୟକ, ଅଜୟ କୁମାର ଦାସ, ସୁଧାଂଶୁ ଶେଖର ଦାସ ପ୍ରମୁଖ ବିଭିନ୍ନ ସଂଗଠନର କାର୍ଯ୍ୟକର୍ତ୍ତାମାନେ ଏହି ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

